# ECHO OF HIS CALL

## ଆହ୍ୱାନର ପ୍ରତିଧ୍ୱନି

ODIA

India's National Spiritual Newspaper

₹ 10/-


ECHO OF HIS CALL 1969-2019 GOLDEN JUBILEE

REACHING NATIONS

Published monthly in ENGLISH, TAMIL, MALAYALAM, TELUGU, HINDI, KANNADA, MARATHI, BENGALI, GUJARATI, ODIYA, ASSAMESE, PUNJABI, NEPALI, URDU, SINHALA & AFRIKAN

Editor : S. SAM SELVA RAJ | 16 Languages | Associate Editor : Sis. SURAMA SAMUEL

Vol. XXV | JUNE 2023 | No.04

## ପବିତ୍ର ବାଇବଲ

(ଏହି ଭାଗଟିକୁ ମୁଖସ୍ଥ କରନ୍ତୁ)

(ଗୀତସଂହିତା ୪୭:୧-୯)

୧ ହେ ସର୍ବଗୋଷ୍ଠୀୟମାନେ, କରତାଳି ଦିଅ; ଆନନ୍ଦ-ସ୍ୱରରେ ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ଜୟଧ୍ୱନି କର ।

୨ କାରଣ ସର୍ବୋପରିସ୍ଥ ସଦାପ୍ରଭୁ ଭୟଙ୍କର ଅଟନ୍ତି; ସେ ସମୁଦାୟ ପୃଥିବୀ ଉପରେ ମହାନ ରାଜା ।

୩ ସେ ଗୋଷ୍ଠୀସମୂହକୁ ଆମ୍ଭମାନଙ୍କର ବଶୀଭୂତ କରିବେ ଓ ଦେଶୀୟଗଣକୁ ଆମ୍ଭମାନଙ୍କର ପଦତଳସ୍ଥ କରିବେ ।

୪ ସେ ଆମ୍ଭମାନଙ୍କ ନିମନ୍ତେ ଆମ୍ଭମାନଙ୍କ ଅଧିକାର ମନୋନୀତ କରିବେ, ତାହା ହିଁ ତାହାଙ୍କ ପ୍ରିୟ ପାତ୍ର ଯାକୁବର ଗୌରବ ସ୍ୱରୂପ ।

୫ ପରମେଶ୍ୱର ଜୟଧ୍ୱନିରେ, ସଦାପ୍ରଭୁ ତୂରୀଧ୍ୱନିରେ ଊର୍ଦ୍ଧ୍ୱକୁ ବିଜେ କରିଅଛନ୍ତି ।

୬ ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ପ୍ରଶଂସାଗାନ କର, ପ୍ରଶଂସାଗାନ କର; ଆମ୍ଭମାନଙ୍କ ରାଜାଙ୍କ ଉଦ୍ଦେଶ୍ୟରେ ପ୍ରଶଂସାଗାନ କର, ପ୍ରଶଂସାଗାନ କର ।

୭ କାରଣ ପରମେଶ୍ୱର ସମୁଦାୟ ପୃଥିବୀର ରାଜା ଅଟନ୍ତି; ତୁମ୍ଭେମାନେ ପ୍ରବୋଧଜନକ ପ୍ରଶଂସାଗାନ କର ।

୮ ପରମେଶ୍ୱର ଗୋଷ୍ଠୀବର୍ଗ ଉପରେ ରାଜତ୍ୱ କରନ୍ତି; ପରମେଶ୍ୱର ଆପଣା ପବିତ୍ର ସିଂହାସନରେ ଉପବିଷ୍ଟ ।

୯ ଅବ୍ରହାମର ପରମେଶ୍ୱରଙ୍କ ଲୋକ ହେବା ନିମନ୍ତେ ଗୋଷ୍ଠୀୟମାନଙ୍କର ଅଧିପତିଗଣ ଏକତ୍ରିତ ହୋଇଅଛନ୍ତି । କାରଣ ପୃଥିବୀର ଢାଲସବୁ ପରମେଶ୍ୱରଙ୍କର; ସେ ଅତିଶୟ ଉନ୍ନତ ଅଟନ୍ତି ।

# ନୂତନ ସମୟକୁ ଗ୍ରହଣ କରନ୍ତୁ, ନଚେତ୍ ଆପଣ ଏହାକୁ ଦୃଷ୍ଟିଭଙ୍ଗ ବୋଲି କହିପାରନ୍ତି ।

**EMBRACE THE NEW SEASON OR YOU CAN NAME IT AS DISTRACTIONS!**


ଭଉଣୀ
ଆଞ୍ଜେଲାଇନ୍
ସେଲ୍‌ଭାକୁମାରୀ




ଯିହୋଶୂୟ ପୁସ୍ତକ ଇସ୍ରାଏଲୀୟମାନଙ୍କ ଜୀବନରେ ଏକ ନୂତନ ଯୁଗ, ଏକ ନୂତନ ସମୟର ଆରମ୍ଭକୁ ଚିହ୍ନଟ କରେ । ଇସ୍ରାଏଲ ଇତିହାସର ଜଣେ ସର୍ବଶ୍ରେଷ୍ଠ ନେତାଙ୍କ ମୃତ୍ୟୁ ପରେ, ଯିହୋଶୂୟଙ୍କୁ ମୋଶାଙ୍କର ଉତ୍ତରାଧିକାରୀ ଭାବରେ ଅଭିଷିକ୍ତ କରାଯାଇଥିଲା ଓ ତାଙ୍କ ନିକଟରେ ବିରାଟ ଦାୟିତ୍ୱ ଭାର ରହିଥିଲା ।

ଏହା ଯିହୋଶୂୟଙ୍କ ପାଇଁ ଏକ ସହଜ ଆହ୍ୱାନ ନ ଥିଲା । ଯିହୋଶୂୟ ମୋଶାଙ୍କ ଦ୍ୱାରା ଶିକ୍ଷିତ ଓ ତାଲିମପ୍ରାପ୍ତ ହୋଇଥିଲେ ସୁଦ୍ଧା, ସେ ମନ ମଧ୍ୟରେ କ'ଣ ଭାବୁଥିବେ, ତାହା କେହି କଳ୍ପନା କରିପାରିବେ ନାହିଁ । ଇସ୍ରାଏଲୀୟମାନେ ମୋଶାଙ୍କ ପ୍ରତି କିପରି ବ୍ୟବହାର ଦେଖାଇଥିଲେ ଓ ଶେଷରେ ମୋଶାଙ୍କ ପ୍ରତି କ'ଣ ଘଟିଥିଲା, ତାହା ସେ ସ୍ୱଚକ୍ଷୁରେ ଦେଖିଥିଲେ । ଏହା ମୋଶାଙ୍କୁ ନିଶ୍ଚୟ ଭୀତଗ୍ରସ୍ତ କରିଥିବ । ମାତ୍ର ମୋଶା ତାଙ୍କ ଉପରେ ହସ୍ତ ରଖି ତାଙ୍କର ଦାୟିତ୍ୱଭାର ଗ୍ରହଣ କରିବା ପାଇଁ ତାଙ୍କୁ ଅଭିଷିକ୍ତ କରିଥିଲେ । ଦ୍ୱିତୀୟ ବିବରଣ ୩୪:୯ରେ ଲେଖାଯାଏ,

**"ମୋଶା ନୂନର ପୁତ୍ର ଯିହୋଶୂୟଙ୍କର ମସ୍ତକରେ ହସ୍ତାର୍ପଣ କରିଥିବାରୁ ସେ ଜ୍ଞାନଦାୟକ ଆତ୍ମାରେ ପରିପୂର୍ଣ୍ଣ ଥିଲେ, ପୁଣି ଇସ୍ରାଏଲ ସନ୍ତାନଗଣ ତାଙ୍କର କଥା ଶୁଣି ମୋଶାଙ୍କ ପ୍ରତି ସଦାପ୍ରଭୁଙ୍କର ଆଜ୍ଞାନୁସାରେ କର୍ମ କରିବାକୁ ଲାଗିଲେ ।"**


*(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)*





**ଆହ୍ୱାନର ପ୍ରତିଧ୍ୱନିର**

*ୟୁ-ଟ୍ୟୁବ୍ ଖ୍ରୀଷ୍ଟିଆନ ଚ୍ୟାନେଲ !*

ଆପଣମାନେ ପାଳକ ଏସ୍. ସାମ୍. ସେଲ୍‌ଭାରାଜ୍‌ଙ୍କ ସହିତ


୫ ମିନିଟ୍‌ର ବାର୍ତ୍ତା !!

**ଇଂରାଜୀ, ହିନ୍ଦୀ, ତାମିଲ ଏବଂ ତେଲୁଗୁ**

**ପ୍ରତିଦିନ ସକାଳ ୫ ଟାରେ**

ତାମିଲ ରବିବାର ଉପାସନା - ସକାଳ ୮.୩୦ରେ

# ECHO OF HIS CALL - (1969-2019 GOLDEN JUBILEE YEAR)



REACHING NATIONS

## ଆପଣମାନଙ୍କର ପ୍ରିୟ ଭାଇଙ୍କଠାରୁ ...



**ଆମର ମିଶନ ପଲିସୀ**

ଆମେ ପ୍ରାଚୀନ ଓ ଆଦ୍ୟ ପ୍ରେରିତମାନଙ୍କର ଅମିଶ୍ରିତ ଶିକ୍ଷା ସମସାମୟିକ ଯୁଗକୁ ଜଣାଇବା ଉଚିତ ।

"... ଆମ୍ଭେମାନେ ସେମାନଙ୍କ ସକାଶୁ ଆପଣାମାନଙ୍କ ପରମେଶ୍ୱରଙ୍କ ନିକଟରେ ପ୍ରାର୍ଥନା କଲୁ ଓ ଦିବାରାତ୍ର ସେମାନଙ୍କ ବିରୁଦ୍ଧରେ ପ୍ରହରୀ ରଖିଲୁ" ।

ନିହିମିୟା ୪:୯

### ଖ୍ରୀଷ୍ଟରେ ପ୍ରିୟ ବନ୍ଧୁଗଣ,

ଆପଣମାନଙ୍କ ପ୍ରତି ଶାନ୍ତି ବର୍ତ୍ତୁ । ଆପଣମାନେ ସମସ୍ତେ ଉତ୍ତମଭାବେ ବଞ୍ଚି ବହୁଗୁଣିତ ହୁଅନ୍ତୁ । ଆମେ ଆପଣମାନଙ୍କର ପ୍ରାର୍ଥନା ସାଥୀ ଅଟୁ । ଦୟାକରି ଏହି ଲେଖାକୁ ଶେଷ ପର୍ଯ୍ୟନ୍ତ ପଢ଼ନ୍ତୁ ।

ଈଶ୍ୱର ଆମ୍ଭମାନଙ୍କୁ ଆଶୀର୍ବାଦ କରିଛନ୍ତି । ଈଶ୍ୱର ଆମକୁ ଆବଶ୍ୟକୀୟ ସ୍ୱାସ୍ଥ୍ୟ, ଶକ୍ତି, ସୁରକ୍ଷା ଓ ସାନ୍ତ୍ୱନା ଦେଇଛନ୍ତି ଓ ଆମ ଉପରେ ଦୃଷ୍ଟି ରଖିଛନ୍ତି । ପ୍ରଭୁ ଯୀଶୁ ଖ୍ରୀଷ୍ଟ ଉତ୍ତମ ଅଟନ୍ତି । ସେ ସର୍ବଦା ଆପଣମାନଙ୍କର ସହବର୍ତ୍ତୀ ହୁଅନ୍ତୁ ।

ଆପଣମାନେ ଯେଉଁ ଗୁରୁତ୍ୱପୂର୍ଣ୍ଣ ତଥ୍ୟକୁ ମନ ମଧ୍ୟରେ ରଖିବା ଉଚିତ୍ !

୧. ପ୍ରତି ରାତ୍ରି ୧୦ଟା ଆମର ପ୍ରାର୍ଥନା ସମୟ ଅଟେ । ଆପଣମାନେ ଯେ କୌଣସି ସହର କିମ୍ୱା ଦେଶରେ ଥିଲେ ସୁଦ୍ଧା ଆମର ଭବିଷ୍ୟତ୍ ପିଢ଼ୀ, ଯଥା ଆମର ପିଲାମାନଙ୍କ ପାଇଁ ଓ ଯୁବକ-ଯୁବତୀମାନଙ୍କ ପାଇଁ ଠିକ୍ ରାତ୍ରି ୧୦ରେ ପ୍ରାର୍ଥନା କରିବା ନିମନ୍ତେ ଆମେ ଅନୁରୋଧ କରୁଅଛୁ । ଆମେ ଏହି ସେବାକାର୍ଯ୍ୟକୁ "ଗ୍ଲୋବାଲ୍ ଭିଜନ୍ ଫର୍ ୟୁଥ୍ ଏଣ୍ଡ କିଡ୍ କେୟାର" ବୋଲି କହୁଅଛୁ । ଏହି ସେବାକାର୍ଯ୍ୟ ମାଧ୍ୟମରେ, ଈଶ୍ୱର ଅନେକ ପୁଅଝିଅଙ୍କୁ ଆଶୀର୍ବାଦ କରୁଛନ୍ତି । ଆପଣମାନେ ଆମର 'ଆହ୍ୱାନର ପ୍ରତିଧ୍ୱନି' ୟୁ-ଟ୍ୟୁବ ଚ୍ୟାନେଲ ମାଧ୍ୟମରେ ଅଧିକ ସୂଚନା ପାଇପାରିବେ ଓ ଈଶ୍ୱରଙ୍କ ପ୍ରଶଂସା କରିପାରିବେ । ଦୟାକରି ଏହି ୟୁ-ଟ୍ୟୁବ ଚ୍ୟାନେଲ୍‌ର ସଭ୍ୟ ହୁଅନ୍ତୁ, ଯେପରିକି ଆପଣମାନେ ସାକ୍ଷ୍ୟ, ପ୍ରାର୍ଥନା ଅନୁରୋଧ ଓ ସଂକ୍ଷିପ୍ତ ବାର୍ତ୍ତା ଶୁଣିପାରିବେ । ଆପଣମାନଙ୍କର ଫୋନ୍‌ରେ ଆମର ମୋବାଇଲ୍ ଫୋନ, ହ୍ୱାଟସ୍ ଆପ୍ ନମ୍ବର, ଯଥା – +91-9841071858 ଓ +91-9841271858କୁ ସ୍ଥାୟୀ ଭାବରେ ରଖନ୍ତୁ । ଆମେ ଏହି ଦୁଇଟି ମୋବାଇଲ ନମ୍ବର ବ୍ୟବହାର କରୁଛୁ । ଧନ୍ୟବାଦ ।

୨. ପ୍ରତିଦିନ ସକାଳ ୫ରେ ଗୋଟିଏ ୫ ମିନିଟ୍‌ର ବାର୍ତ୍ତା ଓ ପ୍ରାର୍ଥନା ମଧ୍ୟ Echo of His Call You Tube ଚ୍ୟାନେଲ୍‌ରେ ପ୍ରସାରିତ ହେଉଅଛି । ଏହି ବାର୍ତ୍ତାଗୁଡ଼ିକୁ ପାଳକ ଏସ୍.ସାମ୍ ସେଲ୍‌ଭାରାଜ ଓ ପାଳକ ଆଲେକ୍ସ ସାମ୍‌ସନ୍ ସାମ୍ ପ୍ରଚାର କରୁଛନ୍ତି । ସେଗୁଡ଼ିକ ହ୍ୱାଟସ୍ ଆପ୍ ନମ୍ବର +91-9841071858 ଓ +91-9841271858ରେ ଉପଲବ୍ଧ ଅଟେ । ଯଦି ଆପଣମାନେ ଏହି କାର୍ଯ୍ୟକ୍ରମକୁ ଦେଖୁଛନ୍ତି, ତେବେ ଆପଣମାନେ ଆମ ସହିତ ସିଧାସଳଖ ପ୍ରାର୍ଥନା କରିବାର ସୁଯୋଗ ପାଇବେ । ସମଗ୍ର ପୃଥିବୀର ଅନେକ ଲୋକ ପ୍ରତିଦିନ ଏହା ଦେଖୁଛନ୍ତି ଓ ଆଶୀର୍ବାଦ ପାଉଛନ୍ତି । ଆପଣମାନେ ମଧ୍ୟ ଏହିପରି ଭାବରେ ଆଶୀର୍ବାଦ ପାଇପାରିବେ । ଆପଣମାନଙ୍କୁ କେବଳ ସ୍ଥାୟୀ ଭାବରେ ଆମର ନମ୍ବରଗୁଡ଼ିକୁ ସଂରକ୍ଷିତ କରି ରଖିବାକୁ ହେବ । ଏହା ଅତି ଗୁରୁତ୍ୱପୂର୍ଣ୍ଣ ଅଟେ ।

୩. ଆମର ଗ୍ରାମ୍ୟ ଉଚ୍ଚ ବିଦ୍ୟାଳୟ ସେଣ୍ଟ ପଲ୍‌ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ ଅତି ଉତ୍ତମଭାବେ କାର୍ଯ୍ୟ କରୁଅଛି । ସ୍କୁଲଟି ଦକ୍ଷ ଓ ଆତ୍ମିକଭାବେ ପରିପକ୍ୱ ଶିକ୍ଷାବିଦ୍‌ମାନଙ୍କ ଦ୍ୱାରା ପରିଚାଳିତ ହେଉଅଛି । ଆମେ ଉତ୍ତମ ଛାତ୍ର ଓ ଶିକ୍ଷକମାନଙ୍କୁ ଆବଶ୍ୟକ କରୁଅଛୁ । ଦୟାକରି ଏହି ସ୍କୁଲର ବୃଦ୍ଧି ନିମନ୍ତେ ପ୍ରାର୍ଥନା କରନ୍ତୁ ।



*St. Paul's Matriculation School Staff*

**CHIEF EDITOR**

Pastor Alex Samson Sam, B.Th., M.Div.

**ADMINISTRATION**

Bro. N. Prakasam, M.A., General Manager
Dr. Rabinder Boaz, M.S.
Bro. K. Puratchivendan

**EDITORIAL BOARD**

Sis. Jesy Veena Sam
Sis. Serena Bevin, M.A., M.Phil., B.Ed.
Dr. A. Richard Samuel, M.A., Ph.D.
Rev. Dr. K.R. Rajasekaran

**EDITOR, PUBLISHER & PRINTER**

Pastor S. SAM SELVA RAJ
Echo of His Call Printers

10, Mohammed Abdullah 2nd Street,
Chepauk, Chennai- 600 005, India.
Phone : (+ 91- 44) 2852 8282, 2852 9293, 2854 7766
Cell : (+91) 98410 71852, 95661 31858

**E.mail ID**

sam@echoofhiscall.org
biblecor@yahoo.co.in

**WEBSITES**

www.echoofhiscall.org
www.stpaulsmatriculation.com

**YOUTUBE CHANNEL**

Echo of His Call

୪. ଆମର ନିହିମିୟା ବାଇବଲ କଲେଜ ଉଭୟ ହିନ୍ଦୀ (ଆବାସିକ ପାଠ୍ୟକ୍ରମ) ଓ ତାମିଲ (ସାନ୍ଧ୍ୟ ପାଠ୍ୟକ୍ରମ) ଭାଷାରେ ପାଠ୍ୟକ୍ରମ ଯୋଗାଉଅଛି । ଆମ ନିକଟରେ ଏହି କଲେଜରେ ଶିକ୍ଷାଦାନ ପାଇଁ ଚେନ୍ନାଇର ଅଧ୍ୟାପକମାନେ ଅଛନ୍ତି । ଆମେ ଏପରି ଛାତ୍ରମାନଙ୍କୁ ଆବଶ୍ୟକ କରୁ ଯେଉଁମାନେ ପ୍ରଭୁଙ୍କର ସେବା କରିବା ପାଇଁ ଏକ ଯଥାର୍ଥ ଦର୍ଶନ ରଖିଥିବେ । ପରବର୍ତ୍ତୀ ଶିକ୍ଷା ବର୍ଷ ୨୦୨୩-୨୪ ପାଇଁ ୨୦୨୩ ଜୁନ ୫ ତାରିଖରୁ ପାଠ ପଢ଼ା ଆରମ୍ଭ ହେବ । ବର୍ତ୍ତମାନ ପ୍ରାୟ ୩୦ ଜଣ ଛାତ୍ର ସ୍ନାତକ ଉପାଧି ପାଇଁ ଓ ମିଶନ କ୍ଷେତ୍ରକୁ ଯିବା ପାଇଁ ପ୍ରସ୍ତୁତ ଅଛନ୍ତି ।



***Nehemiah Bible College Meeting***

ନିହିମିୟା ବାଇବଲ କଲେଜ ୨୦୨୩ ଜୁନ୍ ୩ ତାରିଖରେ ଏହାର ୨୪ତମ ଉପାଧି ପ୍ରଦାନ ଉତ୍ସବ ପାଳନ କରିବ ।

୫. ପିଲାମାନଙ୍କ ପାଇଁ ଗ୍ରୀଷ୍ମକାଳୀନ ବାଇବଲ ସ୍କୁଲ ଗତମାସ (ମେ' ୨୦୨୩)ରେ ଅନେକ ସ୍ଥାନରେ ଅନୁଷ୍ଠିତ ହୋଇଥିଲା ।

୬. ଆମ ପ୍ରଭୁଙ୍କର ହସ୍ତ ଆମ ମାସିକ ପତ୍ରିକା, ''ଆହ୍ୱାନର ପ୍ରତିଧ୍ୱନି'' ଉପରେ ରହିଅଛି ଯାହାକୁ ୧୬ଟି ଭାଷାରେ ପ୍ରକାଶ କରାଯାଉଛି । ଆମ ପ୍ରଭୁଙ୍କର ହସ୍ତ ଆମର ମଣ୍ଡଳୀଗୁଡ଼ିକ, କରେସପଣ୍ଡେସ୍ ବାଇବଲ ପାଠ୍ୟକ୍ରମ, ସୁସମାଚାର ଛାପାକଳ, ପିଲାମାନଙ୍କର ସେବାକାର୍ଯ୍ୟ, ଯୁବାମାନଙ୍କର ସେବାକାର୍ଯ୍ୟ, ଡାକ୍ତରଖାନା ସେବାକାର୍ଯ୍ୟ ଇତ୍ୟାଦି ଉପରେ ରହିଅଛି । ଏହି ସମସ୍ତ ସେବାକାର୍ଯ୍ୟ ପାଇଁ ଆମେ ଈଶ୍ୱରଙ୍କ ନିକଟରେ କୃତଜ୍ଞ ଅଟୁ ।

ଈଶ୍ୱର ଏହି ବିଶାଳ ଜଗତ ମଧ୍ୟରେ ସୁସମାଚାର ପହଞ୍ଚାଇବାର ଦାୟିତ୍ୱ ଆମ ହସ୍ତରେ ନ୍ୟସ୍ତ କରିଛନ୍ତି । ଆମେ ଏହି ଦର୍ଶନ ରଖିଥିବା ଈଶ୍ୱରଙ୍କ ଦାସମାନଙ୍କୁ ଓ ଏହି ସେବାକାର୍ଯ୍ୟ ପାଇଁ ଅର୍ଥ ସହାୟତା ଯୋଗାଇ ପାରୁଥିବା ଅନେକ ଈଶ୍ୱରଙ୍କ ଲୋକଙ୍କୁ ଆବଶ୍ୟକ କରୁଅଛୁ ।

ଦୟାକରି ଆମ ନିମନ୍ତେ ପ୍ରାର୍ଥନା କରନ୍ତୁ । ଆମେ ଅନେକ ଆତ୍ମିକ ଯୁଦ୍ଧର ସମ୍ମୁଖୀନ ହେଉଅଛୁ । ଈଶ୍ୱର ଆମକୁ ବିଜୟ ପ୍ରଦାନ କରୁଛନ୍ତି । ଆମେ ମଧ୍ୟ ଆପଣମାନଙ୍କ ପାଇଁ ପ୍ରାର୍ଥନା କରୁଅଛୁ ।

ଆମର ପ୍ରେମମୟ ପ୍ରଭୁ ଯୀଶୁ ଖ୍ରୀଷ୍ଟ ଆପଣମାନଙ୍କୁ ସମସ୍ତଙ୍କୁ ଆଶୀର୍ବାଦ କରନ୍ତୁ । ଆମେନ୍ ।

**ଖ୍ରୀଷ୍ଟ ଯୀଶୁରେ ଆପଣମାନଙ୍କର ସେବକଗଣ,**

**ପାଳକ ଏସ୍. ସାମ୍ ସେଲ୍‌ଭାରାଜ୍ ଓ ଆଲେକ୍ସ ସାମସନ୍ ସାମ୍**

(+91) 98412 71858 / 98410 71858,

E.mail : samselvaraj333@gmail.com

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

ତଥାପି ସୁଦ୍ଧା ଯିହୋଶୂୟ ଦୃଢ଼ ନ ଥିଲେ ଓ ସେଥିପାଇଁ ପ୍ରଥମ ଅଧ୍ୟାୟରେ, ଈଶ୍ୱର ବାରମ୍ବାର ତାଙ୍କୁ ସ୍ମରଣ କରାଇ ଦେଉଥିଲେ, ''...ବଳବାନ୍ ଓ ଅତି ସାହସିକ ହୁଅ । ଆମ୍ଭେ ଯେପରି ମୋଶା ସଙ୍ଗରେ ଥିଲୁ, ସେହିପରି ଆମ୍ଭେ ତୁମ୍ଭ ସଙ୍ଗରେ ଥିବା ।''

ଈଶ୍ୱର ଆମ ମଧ୍ୟରୁ କେତେ ଜଣଙ୍କୁ ଆମ ଜୀବନର, ଆମ ସେବାକାର୍ଯ୍ୟର ଏକ ନୂତନ ସମୟ ମଧ୍ୟକୁ ଆହ୍ୱାନ କରୁଛନ୍ତି । ହଁ, ପୁରାତନ ଉତ୍ତମ ଅଟେ, ମାତ୍ର ଆମେ ''ଆମ ଜୀବନର ନୂତନ ସମୟକୁ ଗ୍ରହଣ କରିବା ଆରମ୍ଭ କରିବା ଆବଶ୍ୟକ ।'' ମୁଁ ଏହା ଦେଖିଛି ଯେ ଆମ ମଧ୍ୟରୁ କେତେ ଜଣ କହନ୍ତି ଯେ ସେମାନେ ସେମାନଙ୍କ ଜୀବନର ପ୍ରାୟ ଶେଷ ଭାଗରେ ଅଛନ୍ତି, ତେବେ ସେମାନଙ୍କ ଜୀବନରେ ନୂତନ ସମୟ କାହିଁ ? ବର୍ସିଲ୍ଲୟ ୮୦ ବର୍ଷ ବୟସ୍କ ଥିଲେ, ମାତ୍ର ଦାଉଦଙ୍କୁ ସାହାଯ୍ୟ କରିଥିଲେ (୨ ଶାମୁ ୧୯:୩୨) । ସେଥିପାଇଁ, ଯଦି ଆପଣ ଇଚ୍ଛା କରୁଛନ୍ତି, ତେବେ ଈଶ୍ୱର ଆପଣଙ୍କୁ ମଧ୍ୟ ଜୀବନର ଏକ ନୂତନ ସମୟ ମଧ୍ୟକୁ ନେଇପାରିବେ ।

ନୂତନ ସମୟକୁ ଗ୍ରହଣ କରିବା ପାଇଁ, ଆମେ ଆମ ଜୀବନର କେତେକ ବିଷୟକୁ ଛାଡ଼ିଦେବା ଆବଶ୍ୟକ । ଯଦି ଆମେ ପୁରାତନକୁ ଧରି ରଖିବା, ତେବେ ହୁଏତ ଈଶ୍ୱର ନୂତନ ସମୟ ମଧ୍ୟରେ ଆମ ପାଇଁ ସଞ୍ଚୟ କରି ରଖିଥିବା ଆଶୀର୍ବାଦଗୁଡ଼ିକୁ ଆମେ ସଂପୂର୍ଣ୍ଣ ଭାବରେ ଉପଭୋଗ କରିପାରିବା ନାହିଁ ।

## ଅତି ଜରୁରୀ ଘୋଷଣା

## VERY URGENT ANNOUNCEMENT!

କୌଣସି ଅସୁବିଧାଜନକ ପରିସ୍ଥିତି ଯୋଗୁ ଅନେକ ଖ୍ରୀଷ୍ଟିଆନ ପତ୍ରିକା ପ୍ରକାଶିତ ହୋଇପାରୁ ନାହିଁ । ଏହି ପରିସ୍ଥିତିକୁ ଆମର **''ଆହ୍ୱାନର ପ୍ରତିଧ୍ୱନି ପତ୍ରିକା''** ମଧ୍ୟ ଅନୁଭବ କରିପାରୁଛି । ଆମେ ଅନେକ କଷ୍ଟ ଓ ଅସୁବିଧା ସହ୍ୟ କରି ଆମର ପତ୍ରିକାଗୁଡ଼ିକୁ ପ୍ରେରଣ କରୁଅଛୁ । ମାତ୍ର ଆମେ ଏହା ବୁଝୁଛୁ ଯେ ଡାକ କର୍ମଚାରୀମାନେ ବିଶ୍ୱସ୍ତ ଭାବରେ ପତ୍ରିକାଗୁଡ଼ିକୁ ପ୍ରଦାନ କରୁ ନାହାନ୍ତି । କେତେକ ପାଠକ, ପତ୍ରିକା ପାଇବା ପରେ ମଧ୍ୟ ଏହାକୁ ଖୋଲି ପଢୁ ନାହାନ୍ତି ।

ସେଥିପାଇଁ, ଯଦି ଆପଣମାନେ ବାସ୍ତବରେ **''ଆହ୍ୱାନର ପ୍ରତିଧ୍ୱନି''** ପତ୍ରିକା ପାଇବାକୁ ଚାହୁଁଛନ୍ତି ଓ ଯଦି ଆପଣ ଆଗ୍ରହର ସହିତ ଏହାକୁ ପଢ଼ିବାକୁ ଇଚ୍ଛା କରୁଛନ୍ତି, ତେବେ ଦୟାକରି ସଙ୍ଗେ ସଙ୍ଗେ ଆପଣମାନଙ୍କର ସଠିକ୍ ଠିକଣା, **ମୋବାଇଲ ନମ୍ବର ଓ ଇ-ମେଲ୍ ଠିକଣାକୁ ଟେଲିଫୋନ୍ କିମ୍ବା ହ୍ୱାଟସ୍ ଆପ କିମ୍ବା ଇ-ମେଲ୍ କିମ୍ବା ଡାକ ମାଧ୍ୟମରେ ଆମ ନିକଟକୁ ପ୍ରେରଣ କରନ୍ତୁ** । ଆମେ କୌଣସି ନା' କୌଣସି ଉପାୟରେ ଆପଣମାନଙ୍କୁ ପ୍ରେରଣ କରିବୁ । ଯଦି ଆମେ ଆବଶ୍ୟକୀୟ ତଥ୍ୟ ସହିତ ଆପଣମାନଙ୍କର କୌଣସି ସଦ୍ୟ ଠିକଣା ପାଇବୁ ନାହିଁ, ତେବେ ଆମେ ହୁଏତ ''ଆହ୍ୱାନର ପ୍ରତିଧ୍ୱନି ପତ୍ରିକା''କୁ ଆଉ ପ୍ରେରଣ କରିପାରିବୁ ନାହିଁ । ଆମେ ଆପଣମାନଙ୍କ ସହିତ ଯେ କୌଣସି ପରିସ୍ଥିତି ଯୋଗାଯୋଗ କିମ୍ବା ସଂପର୍କ ରଖିବାକୁ ଇଚ୍ଛା କରୁଅଛୁ । ଦୟାକରି ଆମ ସହିତ ସହଯୋଗ କରନ୍ତୁ ।

**ଆମର ଠିକଣା**

**Echo of His Call**

10, Mohammed Abdullah 2nd Street, Chepauk. Chennai – 600 005.

Mobile No : +91-98410 71858, +91-98412 71858

Telephone No. (+91-44) 2852 8282, 2852 9293, 2854 7766

E-mail : sam@echoofhiscall.org / echosamselvaraj@gmail.com.

YouTube Channel: Echo of His Call.

## ୧. ନୂତନ ସମୟ

ଯିହୋଶୂୟ ୧:୧-୨ ଏହି ପରିଭାବେ ଆରମ୍ଭ ହୋଇଛି : **"... ଆମ୍ଭର ସେବକ ମୋଶା ମରିଅଛି ଏ ନିମନ୍ତେ ତୁମ୍ଭେ ଏବେ ଉଠ, ଆମ୍ଭେ ଇସ୍ରାଏଲ ସନ୍ତାନଗଣଙ୍କୁ ଯେଉଁ ଦେଶ ଦେବାକୁ ଉଦ୍ୟତ ଅଛୁ, ସେଠାକୁ ତୁମ୍ଭେ ଓ ଏହି ଲୋକ ସମସ୍ତେ ଯର୍ଦ୍ଦନ ପାର ହୋଇଯାଅ ।"**

ମୁଁ ବିଷୟ ବସ୍ତୁ ମଧ୍ୟକୁ ଯିବା ପୂର୍ବରୁ ଏହି ପଦର କେତୋଟି ଶବ୍ଦ ଉପରେ ଆଲୋକପାତ କରିବାକୁ ଇଚ୍ଛା କରୁଛି । "ଆମ୍ଭର ସେବକ ମୋଶା ମରିଅଛି ।" ପୁରାତନ ଚାଲିଯାଇଛି । ପୁଣି ପଦଟି କହିଛି, **"ଏବେ ।"** ଅର୍ଥାତ୍, ଏହା ଏକ ନୂତନ ବିଷୟର ସମୟ ଅଟେ । ବର୍ତ୍ତମାନ ଆପଣଙ୍କ ଜୀବନର ପରବର୍ତ୍ତୀ ସମୟରେ ଈଶ୍ୱର ଆପଣଙ୍କ ପାଇଁ ଯାହା ରଖିଛନ୍ତି, ତାହାକୁ ଗ୍ରହଣ କରିବାର ସମୟ ଅଟେ । ବର୍ତ୍ତମାନ ଏହା ଆପଣଙ୍କ ସେବା କାର୍ଯ୍ୟକୁ ପରବର୍ତ୍ତୀ ସ୍ତରକୁ ନେଇ ଯିବାର ସମୟ ଅଟେ । ବର୍ତ୍ତମାନ ଆପଣଙ୍କ ପରିବାର, ଆପଣଙ୍କ ସନ୍ତାନସନ୍ତତି ଓ ଆପଣଙ୍କ ଗୃହ ଉପରେ ଈଶ୍ୱରଙ୍କ ଆଶୀର୍ବାଦର ସମୟ ଅଟେ ।

ପରେ ନୁହେଁ, ମାତ୍ର ବର୍ତ୍ତମାନ ହିଁ ସମୟ ଅଟେ ... କିନ୍ତୁ ପ୍ରଶ୍ନ ହେଉଛି – ଆପଣ "ବର୍ତ୍ତମାନ"କୁ ଧରି ରଖିବାକୁ ଇଚ୍ଛା କରୁଛନ୍ତି ଓ ସମର୍ଥ ଅଟନ୍ତି କି ?

## ୨. ପ୍ରସ୍ତୁତ ରହନ୍ତୁ

ଏହି ପଦରେ ମୋର ଦୃଷ୍ଟି ଆକର୍ଷଣ କରିଥିବା ପରବର୍ତ୍ତୀ ଶବ୍ଦ ହେଉଛି, ଈଶ୍ୱର ଯିହୋଶୂୟଙ୍କୁ ପ୍ରସ୍ତୁତ ହେବା ପାଇଁ କହିବା । ଅନେକ ଥର ଆମେ ପ୍ରଥମ ପଦକ୍ଷେପ ନେବା ପାଇଁ କୁଣ୍ଠିତ ହେଉ । ଆମେ କୌଣସି ବାସ୍ତବ ବିଷୟ ନ ଦେଖିଲେ, ପରବର୍ତ୍ତୀ ପଦକ୍ଷେପ ନେବା ପାଇଁ ଇଚ୍ଛା କରି ନ ଥାଉ । ଈଶ୍ୱର ଜୀବନର ପରବର୍ତ୍ତୀ ସମୟ ମଧ୍ୟକୁ ଆପଣମାନଙ୍କୁ ନେବା ପାଇଁ, ପରବର୍ତ୍ତୀ ପଦକ୍ଷେପ ନିମନ୍ତେ ଈଶ୍ୱରଙ୍କଠାରୁ ଉତ୍ତର ପାଇବା ପାଇଁ ଆପଣମାନଙ୍କ ମଧ୍ୟରୁ କେତେ ଜଣ ଅପେକ୍ଷା କରୁଛନ୍ତି, ତାହା ମୁଁ ଜାଣେ ନାହିଁ ।

ପ୍ରିୟ ବନ୍ଧୁ, ବର୍ତ୍ତମାନ ହିଁ ସେହି ସମୟ ଅଟେ । ମାତ୍ର ପ୍ରଶ୍ନ ହେଉଛି – ଏହାକୁ ଗ୍ରହଣ କରିବା ପାଇଁ ଆପଣ ପ୍ରସ୍ତୁତ ଅଟନ୍ତି କି ? ଆମେ ଆଗକୁ ପରବର୍ତ୍ତୀ ପଦକ୍ଷେପ ନେବା ପାଇଁ ନିଜ ନିଜକୁ ବିଶ୍ୱାସର ସହିତ ସୁସଜ୍ଜିତ କରିବା ଆବଶ୍ୟକ । ଆପଣଙ୍କୁ କେଉଁ ବିଷୟ ପଛରୁ ଟାଣି ଧରୁଛି, ତାହା ଚିନ୍ତା କରନ୍ତୁ । ଆପଣ କେବଳ ଈଶ୍ୱରଙ୍କ ପ୍ରତିଜ୍ଞା ଆବଶ୍ୟକ କରନ୍ତି । ଈଶ୍ୱରଙ୍କ ବାକ୍ୟ ବିନା ଅଗ୍ରସର ହେବା ବିଷୟ ସୁଦ୍ଧା ଚିନ୍ତା କରନ୍ତୁ ନାହିଁ । ମାତ୍ର ଯଦି ଈଶ୍ୱର ତାଙ୍କର ବାକ୍ୟ, ତାଙ୍କର ପ୍ରତିଜ୍ଞା ପ୍ରଦାନ କରିଛନ୍ତି, ତେବେ କୁଣ୍ଠିତ ହୁଅନ୍ତୁ ନାହିଁ । ପଦକ୍ଷେପ ନିଅନ୍ତୁ । ଆମର ଜୀବନକାଳ ସଂକ୍ଷିପ୍ତ ଅଟେ । ଈଶ୍ୱରଙ୍କ ପାଇଁ ଯାହା ସାଧନ କରାଯାଏ, କେବଳ ତାହା ସ୍ଥାୟୀ ହେବ । ଆପଣ କେଉଁ ବିଷୟ ପାଇଁ ଅପେକ୍ଷା କରୁଛନ୍ତି ? ବର୍ତ୍ତମାନ ପଦକ୍ଷେପ ନେବା ପାଇଁ ପ୍ରସ୍ତୁତ ହେବାର ସମୟ ଅଟେ । ଯେତେବେଳେ ଆପଣ ପ୍ରଥମ ପଦକ୍ଷେପ ସହିତ ଅଗ୍ରସର ହେବାର ନିଷ୍ପତ୍ତି ନିଅନ୍ତି, ସେତେବେଳେ ସମସ୍ତ ବିଷୟ ଆପଣଙ୍କ ପାଇଁ ଗତିଶୀଳ ହେବ । ଆମେ ଯିହୋଶୂୟ ୩:୧୩ରେ ପାଠ କରୁ, "ସମଗ୍ର ଜଗତର ପ୍ରଭୁ ସଦାପ୍ରଭୁଙ୍କର ସିନ୍ଦୁକ – ବାହକ ଯାଜକମାନଙ୍କ ପଦତଳ ଯର୍ଦ୍ଦନ ଜଳରେ ପ୍ରବିଷ୍ଟ ହେବା ମାତ୍ରେ ସେହି ଯର୍ଦ୍ଦନର ଜଳ, ଅର୍ଥାତ୍, ଉର୍ଦ୍ଧ୍ୱ ସ୍ଥାନରୁ ଯେଉଁ ଜଳ ବହି ଆସୁଅଛି, ତାହା କଟା ହେବ ଓ ତାହା ଏକ ରାଶି ହୋଇ ସ୍ଥଗିତ ହେବ ।"

ଆପଣ ପ୍ରଥମ ପଦକ୍ଷେପ ନେବା ପାଇଁ ନିଷ୍ପତ୍ତି ନେବା ମାତ୍ରେ, ଆପଣଙ୍କ ସମ୍ମୁଖରେ ଥିବା ନଦୀ, ଅର୍ଥାତ୍, ପ୍ରତିବନ୍ଧକ ଦୂର ହୋଇଯିବ । ତେବେ ଆପଣ ପ୍ରସ୍ତୁତ ଅଟନ୍ତି କି ?

## ୩. ଅତିକ୍ରମ କରିବା ପାଇଁ

ଈଶ୍ୱର ଯିହୋଶୂୟଙ୍କୁ କହିଥିଲେ, "ବର୍ତ୍ତମାନ ପାର୍ ହେବାର, ଅର୍ଥାତ୍ ଅତିକ୍ରମ କରିବାର ସମୟ ଅଟେ । ପ୍ରସ୍ତୁତ ହୁଅ ।"

ଅତିକ୍ରମ କରିବା ଏକ ପ୍ରକ୍ରିୟା ଅଟେ । ଏହା ଏକ ଗୋଟିଏ ସମୟର ଘଟଣା ନୁହେଁ । ଆପଣଙ୍କୁ କୌଣସି ନିର୍ଦ୍ଦିଷ୍ଟ, ପରିସ୍ଥିତି ଓ ଅଜ୍ଞାତ ପଥ ମଧ୍ୟ ଦେଇ ଅଗ୍ରସର ହେବାକୁ ପଡ଼ିବ, ବେଳେବେଳେ ଏହା ଅର୍ଥପୂର୍ଣ୍ଣ ମନେ ହେବ ନାହିଁ । ଈଶ୍ୱର ଇସ୍ରାଏଲୀୟମାନଙ୍କୁ ଯର୍ଦ୍ଦନ ନଦୀ ଅତିକ୍ରମ କରିବାକୁ କହିଥିଲେ । ସେମାନେ କିପରି ଯର୍ଦ୍ଦନ ନଦୀ ଅତିକ୍ରମ କରିଥିଲେ ? ଏହା ମାନବ ବୋଧର ଅଗମ୍ୟ ଅଟେ । ମୋର ପ୍ରିୟ ବନ୍ଧୁଗଣ, ଯେତେବେଳେ ଈଶ୍ୱର ଆପଣଙ୍କୁ ଗୋଟିଏ ପ୍ରତିଜ୍ଞା ଦିଅନ୍ତି, ସେତେବେଳେ ଆପଣଙ୍କ ମାନବ ଚକ୍ଷୁ ମାଧ୍ୟମରେ ନୁହେଁ, ମାତ୍ର ଆପଣଙ୍କ ଆତ୍ମିକ ଚକ୍ଷୁ ମାଧ୍ୟମରେ ଏହାକୁ ଦେଖିବା ଆରମ୍ଭ କରିବା ଆବଶ୍ୟକ । ଯଦି ଆମେ ଏହାକୁ ମାନବ ଚକ୍ଷୁ ମାଧ୍ୟମରେ ଦେଖିବା ଆରମ୍ଭ କରିବା, ତେବେ ଆମେ ବେଶୀ ଦୂର ଦେଖି ପାରିବା ନାହିଁ ... ଆମେ କେବଳ ଜଳ ଓ କ୍ଷିପ୍ରଗାମୀ ତରଙ୍ଗମାଳାକୁ କୂଳରେ ପିଟି ହେଉଥିବାର ଦେଖିବା । ଜଳର ଗର୍ଜ୍ଜନ ଦ୍ୱାରା ଆମେ ଭୟଭୀତ ହେବା । ଏପରି କୌଣସି ଉପାୟ ନ ଥିବ ଯଦ୍ଦ୍ୱାରା ଆପଣ ନଦୀ ଅତିକ୍ରମ କରିବାକୁ ସମର୍ଥ ହେବେ । ମାତ୍ର ଯଦି ଆମେ ଆମ ଆତ୍ମିକ ଚକ୍ଷୁ ସାହାଯ୍ୟରେ ଦେଖିବା ଆରମ୍ଭ କରିବା, ତେବେ ଈଶ୍ୱର ଆମ କଳ୍ପନାର ବାହାରେ ଯାହା କରିପାରିବେ, ତାହା ଦେଖିବାକୁ ସମର୍ଥ ହେବା । ଏଫିସୀୟ ୩:୨୦ ବାଇବଲରେ ମୋର ଗୋଟିଏ ଅତି ପ୍ରିୟ ପଦ ଅଟେ । କୁହାଯାଇଛି ଯେ କଳ୍ପନା ମନୁଷ୍ୟ ଜାତି ପ୍ରତି ଈଶ୍ୱରଙ୍କର ଗୋଟିଏ ସର୍ବଶ୍ରେଷ୍ଠ ଦାନ ଅଟେ । ଜଣେ ଯେ କୌଣସି ସମୟରେ ଯେ କୌଣସି ବିଷୟ କଳ୍ପନା କରିପାରେ । ଜଣେ ବ୍ୟକ୍ତିର କଳ୍ପନାର କୌଣସି ସୀମା ନାହିଁ ଓ ଏହାପରେ ମୁଁ ଏଫିସୀୟରେ ଦେଖେ ଯେ ଯେତେବେଳେ ଈଶ୍ୱର ତାଙ୍କର ସନ୍ତାନମାନଙ୍କୁ ଆଶୀର୍ବାଦ କରିବାକୁ ଇଚ୍ଛା କରନ୍ତି, ଯେତେବେଳେ ଈଶ୍ୱର ତାଙ୍କ ସନ୍ତାନମାନଙ୍କ ଜୀବନରେ ତାଙ୍କର ଇଚ୍ଛା ସଫଳ କରିବାକୁ ଇଚ୍ଛା କରନ୍ତି, ସେତେବେଳେ ସେ ସେହି

(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)


ନିହିମିଆ ବାଇବଲ

ଆବାସିକ ମହାବିଦ୍ୟାଳୟ, ସାଂଧ୍ୟ କଲେଜ
ଭେଲାଚେରୀ / ଚେପକ୍ ଓ ସନ୍ତୋଷପୁରମ୍, ଚେନ୍ନାଇ

ECHO OF HIS CALL 1969-2019 REACHING NATIONS

ମାଧ୍ୟମ ~ ହିନ୍ଦୀ / ତାମିଲ

Regd. Candidate for Membership ATA NEHEMIAH BIBLE COLLEGE CHENNAI ECHO OF HIS CALL Estd. 1969

ସଦସ୍ୟତା ପାଇଁ ପଞ୍ଜୀକୃତ ପ୍ରାର୍ଥୀ – ATA

ବିଗତ ୫୩ ବର୍ଷ ଧରି ଆନ୍ତର୍ଜାତୀୟ ଖ୍ରୀଷ୍ଟିଆନ ନେତା ଓ ବରିଷ୍ଠ ପାଳକମାନଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ

ଥିଓଲୋଜିରେ ସାର୍ଟିଫିକେଟ : ଏକ ବର୍ଷ
ଥିଓଲୋଜିରେ ଡିପ୍ଲୋମା : ଦୁଇ ବର୍ଷ

ଯୋଗ୍ୟତା : ୧୦ମ ଓ ତଦୁର୍ଦ୍ଧ୍ୱ — ଆଡ଼ମିଶନ ପାଇଁ ଶୀଘ୍ର ଆସନ୍ତୁ !

ଯୋଗାଯୋଗ :The Chairman, Nehemiah Bible College.
10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA.
Phone : (+91-44) 2852 8282, Cell : (+91) 98410 71852 / 95661 31858
E.mail : sam@echoofhiscall.org / Website : www.echoofhiscall.org
★ ONLINE CLASSES ARE AVAILABLE ★

# ମହା ଆଦେଶ ସାଥୀଗଣ

ଜଣାଇବା (ଗାଲାତୀୟ ୬:୨), ସହାୟତା ଦେବା (ରୋମୀୟ ୧୨:୧୩) ଓ ତ୍ୱରାନ୍ୱିତ କରିବା (୨ ତୀମଥି ୧:୬)

ପ୍ରଶଂସା ଓ ପ୍ରାର୍ଥନାର ବିଷୟ,

(୨୦୨୩ ଜୁନ ୧୯ ରୁ ୨୦୨୩ ଜୁଲାଇ ୧୮ ପର୍ଯ୍ୟନ୍ତ)

(ଦୟାକରି ଏହି ପୃଷ୍ଠାଟିକୁ ବାହାର କରି ଭାଙ୍ଗନ୍ତୁ ଓ ଏହାକୁ ଆପଣଙ୍କ ବାଇବଲରେ ରଖନ୍ତୁ ଓ ନିରନ୍ତର ପ୍ରାର୍ଥନା କରନ୍ତୁ)

## ପ୍ରଶଂସାର ବିଷୟ

ଜୁନ ୧୯ ⇨ ୨୦୨୩ ଜୁନ୍ ୩ ତାରିଖରେ ଅତି ସୁନ୍ଦର ଭାବେ ଅନୁଷ୍ଠିତ ହୋଇଥିବା ଆମ "ନିହିମିୟା ବାଇବଲ କଲେଜ"ର ଉପାଧି ପ୍ରଦାନ ଉତ୍ସବ ଉପରେ ଆଶୀର୍ବାଦ କରିଥିବାରୁ ।

ଜୁନ ୨୦ ⇨ ୨୦୨୩ ମଇ ୧୦ ତାରିଖରେ ଅନୁଷ୍ଠିତ ଆମ ନିହିମିୟା ବାଇବଲ କଲେଜର ପୁରାତନ ଛାତ୍ର ସମାରୋହ ଉପରେ ଆଶୀର୍ବାଦ କରିଥିବାରୁ ।

ଜୁନ ୨୧ ⇨ ଆମର ନିହିମିୟା ବାଇବଲ କଲେଜର ସମ୍ମାନନୀୟ ଶିକ୍ଷା ପରାମର୍ଶଦାତା ଭାବରେ ରେଭ.ପଲ୍ ଏବନଏଜର ଯୋଗ ଦେଇଥିବାରୁ ।

ଜୁନ ୨୨ ⇨ ପ୍ରତିଦିନ ରାତ୍ରି ୧୦ଟାରେ ସମଗ୍ର ବିଶ୍ୱର ଛୋଟ ଛୋଟ ପିଲା ଓ ଯୁବକ ଯୁବତୀମାନଙ୍କ ପାଇଁ ପ୍ରାର୍ଥନା କରିବା ନିମନ୍ତେ 'ଗ୍ଲୋବାଲ୍ ଭିଜନ୍ ଫର୍ ୟୁଥ୍ ଏଣ୍ଡ କିଡ୍ କେୟାର' ସେବାକାର୍ଯ୍ୟ ଆରମ୍ଭ କରିବାରେ ସାହାଯ୍ୟ କରିଥିବାରୁ ।

ଜୁନ ୨୩ ⇨ ପ୍ରତିଥର ଠିକ୍ ସମୟରେ ଆମର "ଆହ୍ୱାନର ପ୍ରତିଧ୍ୱନି" ପତ୍ରିକା ପ୍ରକାଶ କରିବାରେ ଆମକୁ ସାହାଯ୍ୟ କରୁଥିବା ଆମର ଉତ୍ସର୍ଗୀକୃତ ସହଯୋଗୀ ସଂପାଦକମାନଙ୍କ ନିମନ୍ତେ ।

ଜୁନ ୨୪ ⇨ ଆବାସିକ ଓ ସାନ୍ଧ୍ୟ ନିହିମିୟା ବାଇବଲ କଲେଜ ପାଇଁ ଛାତ୍ର ସଂଗ୍ରହ କରିବାର ପ୍ରଚେଷ୍ଟା ଉପରେ ଆଶୀର୍ବାଦ କରିଥିବାରୁ ।

ଜୁନ ୨୫ ⇨ ୧୯୬୯ରୁ ପତ୍ରିକା ସେବାକାର୍ଯ୍ୟ ପ୍ରତି ଆମର ସମର୍ପଣ ଉପରେ ତାଙ୍କର ଆଶୀର୍ବାଦ ନିମନ୍ତେ ।

ଜୁନ ୨୬ ⇨ ସେଣ୍ଟ ପଲ୍ସ ମ୍ୟାଟ୍ରିକ୍ୟୁଲେସ ସ୍କୁଲ ପାଇଁ ନୂତନ ଛାତ୍ର ସଂଗ୍ରହ ନିମନ୍ତେ ଆମର କାର୍ଯ୍ୟାଳୟର ଓ ସ୍କୁଲର କର୍ମଚାରୀମାନଙ୍କ ପ୍ରଚେଷ୍ଟା ଉପରେ ଆଶୀର୍ବାଦ କରିଥିବାରୁ ।

ଜୁନ ୨୭ ⇨ ଆମର ଶୁଭେଚ୍ଛୁମାନଙ୍କର ପ୍ରାର୍ଥନା ଓ ଅର୍ଥ ସାହାଯ୍ୟ ନିମନ୍ତେ ।

ଜୁନ ୨୮ ⇨ ୨୦୨୩–୨୪ ଶିକ୍ଷା ବର୍ଷକୁ ସଫଳତାର ସହିତ ସଂପୂର୍ଣ୍ଣ କରିବା ପାଇଁ ଆମର ଆବାସିକ ଓ ସାନ୍ଧ୍ୟ ନିହିମିୟା ବାଇବଲ କଲେଜ ଓ ସେଣ୍ଟ ପଲ୍ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ ଉପରେ ଆଶୀର୍ବାଦ କରିଥିବାରୁ ।

ଜୁନ ୨୯ ⇨ ଆହ୍ୱାନର ପ୍ରତିଧ୍ୱନି ମୁଖ୍ୟ ଉପାସନାଳୟ ଓ ଶାଖା ମଣ୍ଡଳୀ ଗୁଡ଼ିକର ନେତା ଓ ବିଶ୍ୱାସୀମାନଙ୍କ ଉପରେ ଆଶୀର୍ବାଦ କରିଥିବାରୁ ।

ଜୁନ ୩୦ ⇨ ଆମର ମୁଖ୍ୟ ମଣ୍ଡଳୀ ଓ ଶାଖା ମଣ୍ଡଳୀଗୁଡ଼ିକ ଦ୍ୱାରା ଅନୁଷ୍ଠିତ ଛୁଟୀ ଦିବସୀୟ ବାଇବଲ ସ୍କୁଲ ଉପରେ ଆଶୀର୍ବାଦ ନିମନ୍ତେ ।

ଜୁଲାଇ ୧ ⇨ ଆମର ପ୍ରାର୍ଥନା ସାଥୀ, ସଭ୍ୟସଭ୍ୟା, ବିଶ୍ୱାସ ସାଥୀ, ଆଜୀବନ ସଭ୍ୟ ଓ ମହାଆଦେଶ ସାଥୀଗଣ ଓ ସେମାନଙ୍କ ପରିବାର ନିମନ୍ତେ ।

ଜୁଲାଇ ୨ ⇨ ତାମିଲ୍, ହିନ୍ଦୀ ଓ ତେଲୁଗୁରେ ପ୍ରସାରିତ ଆମର **'ECHO OF HIS CALL YOU TUBE'** ବାର୍ତ୍ତା ଉପରେ ଆଶୀର୍ବାଦ କରିଥିବାରୁ ।

ଜୁଲାଇ ୩ ⇨ ଏ ପର୍ଯ୍ୟନ୍ତ ଆମର ଅନୁଷ୍ଠାନକୁ ଚଳାଇବାରେ ଆମର ପ୍ରଚେଷ୍ଟାକୁ ସଫଳ କରିଥିବାରୁ ।

## ପ୍ରାର୍ଥନାର ବିଷୟ

ଜୁଲାଇ ୪ ⇨ ଆଫ୍ରିକୀୟ ଦେଶ ସୁଦାନରେ ଯେପରି ରାଜନୈତିକ ଅସ୍ଥିରତା ଦୂର ହେବ ।

ଜୁଲାଇ ୫ ⇨ ମହିମାମୟ ପରମେଶ୍ୱର ଯେପରି ଆମର ବରିଷ୍ଠ ପାଳକଙ୍କ ଆତ୍ମ–ଜୀବନୀ ଲେଖା ଉପରେ ଆଶୀର୍ବାଦ କରିବେ ଓ ଚାଳନା ଦେବେ ।

ଜୁଲାଇ ୬ ⇨ ଈଶ୍ୱର ଯେପରି ଆମର ବରିଷ୍ଠ ପାଳକ ଏସ୍. ସାମ୍. ସେଲ୍ଭାରାଜ ଓ ତାଙ୍କ ପରିବାର ସଦସ୍ୟଙ୍କୁ ସମସ୍ତ ପ୍ରକାର ମନ୍ଦ ଶକ୍ତିରୁ ସୁରକ୍ଷା ଦେବେ ।

ଜୁଲାଇ ୭ ⇨ ବିଶ୍ୱବ୍ୟାପୀ ସମସ୍ତ ସଂପ୍ରଦାୟର ମଣ୍ଡଳୀଗୁଡ଼ିକ ମଧ୍ୟରେ ଉଦ୍ଦୀପନା ନିମନ୍ତେ ।

ଜୁଲାଇ ୮ ⇨ ଈଶ୍ୱର ଯେପରି "ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟ"କୁ ଅଧିକ ଉତ୍ସର୍ଗୀକୃତ କାର୍ଯ୍ୟକାରୀମାନଙ୍କୁ ଆଣିବେ ।

ଜୁଲାଇ ୯ ⇨ ନୂତନ ପ୍ରକାରର କୋଭିଡ୍ ଓ ଅନ୍ୟ ସଂକ୍ରାମକ ରୋଗର ଦୂରୀକରଣ ପାଇଁ ।

ଜୁଲାଇ ୧୦ ⇨ ଏହି ପିଢ଼ୀର ପିଲା ଓ ଯୁବାମାନଙ୍କ ନିମନ୍ତେ ପ୍ରାର୍ଥନା କରିବାକୁ ଆମର **Global Vision for Youth and Kid Care** ରେ ଯେପରି ଅଧିକ ଲୋକ ଯୋଗ ଦେବେ ।

ଜୁଲାଇ ୧୧ ⇨ ପିତାମାତାମାନେ ଯେପରି ସେମାନଙ୍କ ପରିବାରରେ ଥିବା ପିଲା ଓ ଯୁବାମାନଙ୍କୁ ସ୍ୱର୍ଗୀୟ ଚାଳନା ପ୍ରଦାନ କରିବେ ।

ଜୁଲାଇ ୧୨ ⇨ ଦୁର୍ଗମ ଅଞ୍ଚଳରେ ସୁସମାଚାର ଜାଣି ନ ଥିବା ଲୋକମାନଙ୍କ ନିକଟରେ ସୁସମାଚାର ପ୍ରଚାର କରୁଥିବା ମିଶନେରୀମାନଙ୍କର ସ୍ୱର୍ଗୀୟ ସୁରକ୍ଷା ପାଇଁ ।

ଜୁଲାଇ ୧୩ ⇨ ୨୦୨୩–୨୪ ଶିକ୍ଷା ବର୍ଷ ପାଇଁ ଆମର ଆବାସିକ ଓ ସାନ୍ଧ୍ୟ ନିହିମିୟା ବାଇବଲ କଲେଜରେ ଯେପରି ଯୋଗ୍ୟ ଛାତ୍ରମାନେ ଯୋଗ ଦେବେ ।

ଜୁଲାଇ ୧୪ ⇨ ୨୦୨୩–୨୪ ଶିକ୍ଷା ବର୍ଷ ପାଇଁ ଆମର ସେଣ୍ଟପଲ୍ସ ମ୍ୟାଟ୍ରିକ୍ୟୁଲେସନ୍ ସ୍କୁଲରେ ଯେପରି ନୂତନ ଛାତ୍ରମାନେ ଯୋଗଦେବେ ।

ଜୁଲାଇ ୧୫ ⇨ ସମଗ୍ର ବିଶ୍ୱରେ ଅନୁଷ୍ଠିତ ଛୁଟୀ ଦିବସୀୟ ବାଇବଲ ସ୍କୁଲର ପାଠ ପଢ଼ା ସମୟରେପରିତ୍ରାଣ ପାଇଥିବା ପିଲା ଓ ଯୁବାମାନଙ୍କ ନିମନ୍ତେ ।

ଜୁଲାଇ ୧୬ ⇨ ନିଶାସକ୍ତ ଓ କଲେଜ ଓ ସ୍କୁଲରେ ଅନୁପସ୍ଥିତ ରହୁଥିବା ପିଲା ଓ ଯୁବାମାନଙ୍କ ନିମନ୍ତେ ।

ଜୁଲାଇ ୧୭ ⇨ ଏହି ମାସରେ ଯେପରି ସମସ୍ତ ଅର୍ଥ ଆବଶ୍ୟକତା ପୂରଣ ହେବ ।

ଜୁଲାଇ ୧୮ ⇨ ମାରାତ୍ମକ ରୋଗ ଓ ବିଷାଦ ଦ୍ୱାରା ଆକ୍ରାନ୍ତ ହୋଇଥିବା ସମଗ୍ର ଜଗତର ଲୋକମାନଙ୍କ ଉଦ୍ଧାର ନିମନ୍ତେ ।

(୪ର୍ଥ ପୃଷ୍ଠାର ଅବଶିଷ୍ଟାଂଶ)

କଳ୍ପନାକୁ ସୁଦ୍ଧା ସୀମାହୀନ, କାଳହୀନ ଓ ଅନନ୍ତ ବୋଲି କହୁଥାନ୍ତି । **"ଯେଉଁ ଈଶ୍ୱର ଆମ୍ଭମାନଙ୍କ ଅନ୍ତରରେ କାର୍ଯ୍ୟ ସାଧନ କରୁଥିବା ଆପଣା ଶକ୍ତି ଅନୁସାରେ ଆମ୍ଭମାନଙ୍କ ମାଗିବା ବା ଭାବିବାଠାରୁ ଅତ୍ୟଧିକ ପରିମାଣରେ ସାଧନ କରିପାରନ୍ତି..."** (ଏଫିସୀୟ ୩:୨୦) ।

ସେ ତାହା ଅପେକ୍ଷା ଅଧିକ କାର୍ଯ୍ୟ କରିବାକୁ ସମର୍ଥ ଅଟନ୍ତି ବୋଲି କହନ୍ତି । ଆମେନ୍ । ତାହା ଆମ ଯୀଶୁ ଖ୍ରୀଷ୍ଟଙ୍କର ଶକ୍ତି ଅଟେ । ଯଦି ଆପଣ ଏ ବିଷୟରେ ଏ ପର୍ଯ୍ୟନ୍ତ ତାଙ୍କୁ ପରୀକ୍ଷା କରି ନାହାନ୍ତି, ତେବେ ସେ ଆପଣଙ୍କ ନିମନ୍ତେ କ'ଣ କରିପାରନ୍ତି, ତାହା ଚେଷ୍ଟା କରି ଦେଖନ୍ତୁ । ଯଦି ଆପଣ କେବଳ ବିଶ୍ୱାସରେ ତାଙ୍କୁ ମାଗୁଛନ୍ତି, ତେବେ ଆପଣ ଯାହା ମାଗିପାରିବେ ଓ କଳ୍ପନା କରିପାରିବେ, ତା' ଅପେକ୍ଷା ସେ ଅଧିକ କାର୍ଯ୍ୟ କରିପାରିବେ ।

ଯେତେବେଳେ ଈଶ୍ୱର ଆପଣଙ୍କୁ କିଛି କରିବା ପାଇଁ କହୁଛନ୍ତି, ତାହା ଅର୍ଥପୂର୍ଣ୍ଣ ମନେ ନ ହେଲେ ସୁଦ୍ଧା ତାହା କରନ୍ତୁ । କାରଣ ସେ ଏପରି ଈଶ୍ୱର ଅଟନ୍ତି ଯିଏ ଆପଣଙ୍କର ମାଗିବା କିମ୍ବା କଳ୍ପନା କରିବା ଠାରୁ ଅଧିକ କରିପାରନ୍ତି । ତେବେ କାହିଁକି ବ୍ୟସ୍ତ ହେବା ? ଆୟୁବ ପୁସ୍ତକରେ ସୁନ୍ଦର ଭାବେ ଲେଖା ଯାଇଛି – "ସେ ମହାନ୍, ଅନନୁସନ୍ଧେୟ ଏବଂ ଅସଂଖ୍ୟ ଆଶ୍ଚର୍ଯ୍ୟ କର୍ମ କରନ୍ତି ।"

ଈଶ୍ୱର ଆମକୁ ଯେଉଁ ଦେଶ ଦେବାକୁ ଯାଉଛନ୍ତି, ସେହି ସ୍ଥାନକୁ ଯିବା ପାଇଁ ଆମକୁ କେବଳ ପ୍ରସ୍ତୁତ ରହିବାକୁ ହେବ । ବର୍ତ୍ତମାନ ହିଁ ସେହି ସମୟ ଅଟେ । ଈଶ୍ୱର ଆପଣଙ୍କୁ ଯେଉଁ ସ୍ଥାନକୁ ନେବା ପାଇଁ ପ୍ରତିଜ୍ଞା କରିଛନ୍ତି, ସେହି ସ୍ଥାନକୁ ଯିବା ନିମନ୍ତେ ପ୍ରସ୍ତୁତ ହୁଅନ୍ତୁ । ପରିସ୍ଥିତି, ପରିବେଶ, ଅର୍ଥନୈତିକ ସ୍ଥିତି, ପାରିବାରିକ ପୃଷ୍ଠଭୂମି, ଯୋଗ୍ୟତା, ଅନୁଭୂତି, ସ୍ୱାସ୍ଥ୍ୟ, ବୟସ, ଲିଙ୍ଗ, ଇତ୍ୟାଦି ପ୍ରତି ଦୃଷ୍ଟିପାତ କରନ୍ତୁ ନାହିଁ । ଆମର ଈଶ୍ୱର ଏପରି ଈଶ୍ୱର ଅଟନ୍ତି ଯିଏ ଏହି ସମସ୍ତ ଓ କଳ୍ପନା କରିପାରିବେ, ତା' ଅପେକ୍ଷା ସେ ଅଧିକ କାର୍ଯ୍ୟ କରିପାରିବେ ।

ଯେତେବେଳେ ଈଶ୍ୱର ଆପଣଙ୍କୁ କିଛି କରିବା ପାଇଁ କହୁଛନ୍ତି, ତାହା ଅର୍ଥପୂର୍ଣ୍ଣ ମନେ ନ ହେଲେ ସୁଦ୍ଧା ତାହା କରନ୍ତୁ । କାରଣ ସେ ଏପରି ଈଶ୍ୱର ଅଟନ୍ତି ଯିଏ ଆପଣଙ୍କର ମାଗିବା କିମ୍ବା କଳ୍ପନା କରିବାଠାରୁ ଅଧିକ କରିପାରନ୍ତି । ତେବେ କାହିଁକି ବ୍ୟସ୍ତ ହେବା ? ଆୟୁବ ପୁସ୍ତକରେ ସୁନ୍ଦର ଭାବେ ଲେଖାଯାଇଛି – "ସେ ମହାନ୍, ଅନନୁସନ୍ଧେୟ ଏବଂ ଅସଂଖ୍ୟ ଆଶ୍ଚର୍ଯ୍ୟ କର୍ମ କରନ୍ତି ।"

ଈଶ୍ୱର ଆମକୁ ଯେଉଁ ଦେଶ ଦେବାକୁ ଯାଉଛନ୍ତି, ସେହି ସ୍ଥାନକୁ ଯିବା ପାଇଁ ଆମକୁ କେବଳ ପ୍ରସ୍ତୁତ ରହିବାକୁ ହେବ । ବର୍ତ୍ତମାନ ହିଁ ସେହି ସମୟ ଅଟେ । ଈଶ୍ୱର ଆପଣଙ୍କୁ ଯେଉଁ ସ୍ଥାନକୁ ନେବା ପାଇଁ ପ୍ରତିଜ୍ଞା କରିଛନ୍ତି, ସେହି ସ୍ଥାନକୁ ଯିବା ନିମନ୍ତେ ପ୍ରସ୍ତୁତ ହୁଅନ୍ତୁ । ପରିସ୍ଥିତି, ପରିବେଶ, ଅର୍ଥନୈତିକ ସ୍ଥିତି, ପାରିବାରିକ ପୃଷ୍ଠଭୂମି, ଯୋଗ୍ୟତା, ଅନୁଭୂତି, ସ୍ୱାସ୍ଥ୍ୟ, ବୟସ, ଲିଙ୍ଗ ଇତ୍ୟାଦି ପ୍ରତି ଦୃଷ୍ଟିପାତ କରନ୍ତୁ ନାହିଁ । ଆମର ଈଶ୍ୱର ଏପରି ଈଶ୍ୱର ଅଟନ୍ତି ଯିଏ ଏହି ସମସ୍ତ ବିଷୟର ଉର୍ଦ୍ଧ୍ୱରେ କାର୍ଯ୍ୟ କରିପାରନ୍ତି । କେବଳ ଗୋଟିଏ ବିଷୟ ଆବଶ୍ୟକ – ଆପଣ ବର୍ତ୍ତମାନ ପ୍ରସ୍ତୁତ ଅଟନ୍ତି କି ?

ମୁଁ କେଉଁଠାରେ ଠିଆ ହୋଇଛି, ତାହା ମୁଁ ଜାଣେ ଓ ଈଶ୍ୱର ମୋତେ କେଉଁ ସ୍ଥାନକୁ ନେବାକୁ ଇଚ୍ଛା କରୁଛନ୍ତି, ତାହା ମଧ୍ୟ ମୁଁ ଜାଣେ । ମାତ୍ର ଏହା କ'ଣ ଅଟେ ଯାହା ମୁଁ ଯେଉଁ ସ୍ଥାନକୁ ଯିବାକୁ ଇଚ୍ଛା କରୁଛନ୍ତି, ତାହାକୁ ଭଲ ଭାବରେ ଜାଣି, 'କ' ସ୍ଥିତିରୁ 'ଖ' ସ୍ଥିତିକୁ ଯିବାରେ ମୋତେ ବାଧା ଦିଏ ? ଏଥିନିମନ୍ତେ, ମୁଁ ମାଥିଉ ୧୩ ଅଧ୍ୟାୟ ପ୍ରତି ଦୃଷ୍ଟିପାତ କରିବାକୁ ଇଚ୍ଛା କରେ । ଏହା ଗୋଟିଏ ଅତି ପରିଚିତ ସଣ୍ଡେସ୍କୁଲ କାହାଣୀ ଅଟେ । ଏହା ଜଣେ ବୀଜ ବୁଣାଳୀର କାହାଣୀ, ଯିଏ ବୀଜ ବୁଣିବା ସମୟରେ ବୀଜଗୁଡ଼ିକ ଚାରି ପ୍ରକାର ଭୂମିରେ ପଡ଼ିଥିଲା । ଆପଣ କେଉଁ ପ୍ରକାର ଭୂମି ଅଟନ୍ତି ବୋଲି ଯଦି ମୁଁ ଆପଣଙ୍କୁ ପଚାରିବି, ତେବେ ଆମ ମଧ୍ୟରୁ ଅଧିକାଂଶ ନିଜ ନିଜକୁ 'ଉତ୍ତମ ଭୂମି' ବୋଲି କହିବେ । ଅନ୍ତତଃ, ଆମେ ସମସ୍ତେ ତାହା ହିଁ ହେବାକୁ ଇଚ୍ଛା କରୁ । ତାହା ଆମର ପ୍ରତ୍ୟାଶା ହୋଇପାରେ, ମାତ୍ର ବାସ୍ତବତା ଭିନ୍ନ ହୋଇପାରେ । କେବଳ ଆମର ଜୀବନ ଓ ଆମେ ଦେଉଥିବା ଫଳ ଆମକୁ ସଠିକ୍ ଉତ୍ତର ଦେବ । ସର୍ବଦା ପ୍ରତ୍ୟାଶା ଓ ବାସ୍ତବତା ମଧ୍ୟରେ ଏକ ବ୍ୟବଧାନ ଥାଏ । ମୋର ୧୨ ବର୍ଷ ବୟସ୍କର ପୁଅ ଜଣେ ଅତି ଉତ୍ତମ ଫୁଟବଲ୍ ଖେଳାଳୀ ଅଟେ । ମୁଁ ସେଥିପାଇଁ ଈଶ୍ୱରଙ୍କୁ ଧନ୍ୟବାଦ ଦିଏ । କିନ୍ତୁ, ଯେତେବେଳେ ସେ ୬ ବର୍ଷ ବୟସରୁ ଫୁଟବଲ୍ ଖେଳିବା ଆରମ୍ଭ କଲା, ସେତେବେଳେ ମୁଁ ଥରେ ତା'ର ଗୋଟିଏ ତାଲିମ ଶିକ୍ଷାଧିବେଶନକୁ ଯାଇଥିଲି । ମୋର ପୁଅ ବଲ୍‌ର ନିକଟକୁ ଆସି ବଲ୍‌କୁ ଗୋଇଠା ମାରିଲା ଓ ବଲ୍‌କୁ ଦେଖିବା ପାଇଁ ଉପରକୁ ଦୃଷ୍ଟିପାତ କଲା । ବଲ୍‌ଟିକୁ କେଉଁଠାରେ ଦେଖିବାକୁ ମିଳିଲା ନାହିଁ ଓ ଏହାପରେ ମୁଁ ଭୂମିର ଚତୁର୍ଦ୍ଦିଗକୁ ଦୃଷ୍ଟିପାତ କରି ବଲ୍‌ଟି କିଛି ଅଳ୍ପ ଦୂରତାରେ ପଡ଼ିଥିବାର ଦେଖିଲି । ମୁଁ କିପରି ପ୍ରତିକ୍ରିୟା ଦେଖାଇବି, ତାହା ଜାଣି ନ ଥିଲି । ମୋ ପୁଅ ସୁନ୍ଦର ହାସ୍ୟ ସହିତ ମୋ' ନିକଟକୁ ଆସିଲା । ତା'ର ମା' ଯେ ତା'ର ଖେଳ ଦେଖୁଛନ୍ତି, ଏଥିପାଇଁ ସେ ଗର୍ବିତ ଥିଲା । ସେ ମୋତେ ପଚାରିଲା, "ମା', ମୁଁ ବଲ୍ ଫିଙ୍ଗିବାର ତୁମେ ଦେଖିଲ କି ?" ମୁଁ କ'ଣ କହିବି, ତାହା ବୁଝିପାରୁ ନ ଥିଲି ମୁଁ କ'ଣ ସଙ୍କୋଚ ଓ କଠୋର ଭାବରେ କହିବି, "ତୁମେ ଆଦୌ ବଲ୍‌କୁ ଗୋଇଠା ମାରି ନାହଁ ।" କିମ୍ବା ମୁଁ ଜଣେ ସମର୍ଥନକାରୀ ମା' ଭାବରେ କିଛି ଉତ୍ସାହପ୍ରଦ ଓ ସକାରାତ୍ମକ ବିଷୟ କହିବି ? ଶେଷରେ, ସବୁ ମା' ମାନେ ଯାହା କରନ୍ତି, ମୁଁ ତାହା କରିଥିଲି । ମୁଁ କହିଥିଲି, "ପୁଅ, ତୁମେ ଅତି ଉତ୍ତମ ଭାବେ ବଲ୍‌କୁ ଫିଙ୍ଗିଥିଲ ... ବାଃ ।" ମୁଁ ତା' ମୁଖରେ ଗୋଟିଏ ଅମୂଲ୍ୟ ସ୍ମିତ ହାସ୍ୟ ଦେଖିଥିଲି । ହାଃ ହାଃ ହାଃ ! ତା'ର ପ୍ରତ୍ୟାଶା ବାସ୍ତବତା ଠାରୁ ଭିନ୍ନ ଥିଲା ।

ସେହିପରି, ଆମେ ସମସ୍ତେ ଉତ୍ତମ ଭୂମି ହେବାକୁ ଇଚ୍ଛା କରୁ । ଈଶ୍ୱରଙ୍କର ପ୍ରଶଂସା ହେଉ ! ମାତ୍ର ବାସ୍ତବତା କ'ଣ ? କେବଳ ଆପଣ ନିଜେ ଏହାର ଉତ୍ତର ଦେଇପାରିବେ ।

ମାଥିଉ ୧୩:୪ରେ ଲେଖାଯାଏ – "ସେ ବୁଣୁ ବୁଣୁ କେତେକ ବିହନ ବାଟ ପାଖରେ ପଡ଼ିଲା, ପୁଣି ଚଢ଼େଇମାନେ ଆସି ସେଗୁଡ଼ିକୁ ଖାଇଗଲେ ।" ଯେତେବେଳେ ବୀଜ ରାସ୍ତା ପାର୍ଶ୍ୱରେ ପଡ଼ିଲା, ସେତେବେଳେ ଚଢ଼େଇମାନେ ଆସି ସେଗୁଡ଼ିକୁ ଖାଇଗଲେ ।

୧୯ ପଦରେ, ଯୀଶୁ ତାଙ୍କର ଶିଷ୍ୟମାନଙ୍କୁ ଦୃଷ୍ଟାନ୍ତଟିକୁ ୧୯ ପଦରେ ବୁଝାଇ ଦେଇଛନ୍ତି ।

ମାଥିଉ ୧୩:୧୯, "ଯେ କେହି ରାଜ୍ୟର ବାକ୍ୟ ଶୁଣି ନ ବୁଝେ, ପାପାତ୍ମା ଆସି ତାହାର ହୃଦୟରେ ଯାହା ବୁଣା ଯାଇଥିଲା, ତାହା ହରଣ କରି ନିଏ, ସେ ଜଣକ ବୁଣା ଯାଇଥିବା ବାଟ ପାଖ ଭୂମି ସଦୃଶ ।"

ଏହି ପଦରେ, ମୁଁ ଦୁଇଟି ବିଷୟ ଉପରେ ଦୃଷ୍ଟି ନିବଦ୍ଧ କରିବାକୁ ଚାହେଁ – ଆମେ ଯେଉଁ ସ୍ଥାନରେ ରହୁ ବୋଲି ଈଶ୍ୱର ଇଚ୍ଛା କରନ୍ତି, ସେଠାରେ ପହଞ୍ଚିବାରେ ଯାହା ଆମକୁ ବାଧା ଦିଏ, ତାହାକୁ ବୁଝିବାରେ ଈଶ୍ୱର ଆମକୁ ସାହାଯ୍ୟ କରନ୍ତୁ ।

ଯେତେବେଳେ ଯୀଶୁ ପ୍ରଥମ ଭୂମି ବିଷୟରେ ବୁଝାଇ ଥିଲେ, ସେତେବେଳେ ସେ କହିଥିଲେ "ପାପାତ୍ମା ଆସି ତାହା ହରଣ କରି ନିଏ ।" ଈଶ୍ୱରଙ୍କ ବାକ୍ୟ ଆମ ହୃଦୟରେ, ଆମ ଜୀବନରେ କିଛି କରିବା ପୂର୍ବରୁ, ପାପାତ୍ମା, ଅର୍ଥାତ୍ ଶୟତାନ ଆସେ ଓ ତାହାକୁ ହରଣ କରି ନିଏ । ବାସ୍ତବରେ ଏହା କିପରି ଘଟେ ?

ମୁଁ ଆପଣଙ୍କୁ ଗୋଟିଏ କାଳ୍ପନିକ କାହାଣୀ କହୁଛି, ଦିନେ ଶୟତାନ ତା'ର ସମସ୍ତ ପତିତ ଦୂତମାନଙ୍କ ପାଇଁ ତା'ର ଦୋକାନ ଖୋଲା କରି ଏପରି ଯେ କୌଣସି ବିଷୟ ସେଠାରୁ କ୍ରୟ କରିବାକୁ କହିଲା, ଯାହା ସାହାଯ୍ୟରେ ସେମାନେ ଲୋକମାନଙ୍କୁ ଈଶ୍ୱରଙ୍କ ଇଚ୍ଛାରୁ ବିଚ୍ୟୁତ କରିପାରିବେ । ପ୍ରତ୍ୟେକ ଉପକରଣ ତଳେ ତା'ର ମୂଲ୍ୟ ଲେଖା ଯାଇଥିଲା । ସେଠାରେ ନରହତ୍ୟା, ଈର୍ଷା, ଚୋରି, ମିଥ୍ୟା ଭଳି ବିଷୟ ସବୁ ରହିଥିଲା, ମାତ୍ର ଦୁଇଟି ବିଷୟ ଅତି ଛୋଟ ହେଲେ ସୁଦ୍ଧା ଅତି ଦାମୀ ଥିଲା । ଶୟତାନ ଆମ ଜୀବନରେ ବ୍ୟବହାର କରୁଥିବା ସର୍ବାଧିକ ଶକ୍ତିଶାଳୀ ଉପକରଣ କ'ଣ ବୋଲି ଆପଣ ଭାବୁଛନ୍ତି – ନିରୁତ୍ସାହ ଓ ଦୃଷ୍ଟିଭଙ୍ଗ ?

ଦୃଷ୍ଟିଭଙ୍ଗ ଶୟତାନର ଗୋଟିଏ ସର୍ବାଧିକ ଶକ୍ତିପୂର୍ଣ୍ଣ ଉପକରଣ ଯାହା ଆମକୁ ଆମ ଜୀବନ ନିମନ୍ତେ ଥିବା ଈଶ୍ୱରଙ୍କ ଯୋଜନାକୁ ସଫଳ କରିବାରେ ବିଚ୍ୟୁତ କରି ଆମକୁ ବିନଷ୍ଟ କରିପାରେ । ଏହାପରେ, ଭୁଲ୍ ବଶତଃ, ଆମେ ଶୟତାନର ଯୋଜନା ସଫଳ କରିବାକୁ ପ୍ରସ୍ତୁତ ହେଉଥାଉ । ଅନ୍ୟ ଭାଷାରେ, ଯଦି ଆମେ ଈଶ୍ୱରଙ୍କ ଇଚ୍ଛାରେ ନାହୁଁ, ତେବେ ଆମେ ଶୟତାନର ଇଚ୍ଛାରେ ଅଛୁ । ଏହା ଗ୍ରହଣ କରିବା କଷ୍ଟକର ବୋଲି ମୁଁ ଜାଣେ ।

ଆପଣ ହୁଏତ ପ୍ରଭୁଙ୍କର ସେବାକାର୍ଯ୍ୟ କରୁଥିବେ । ମାତ୍ର ପ୍ରଶ୍ନ ହେଉଛି – ଆପଣ ଈଶ୍ୱରଙ୍କ ବାକ୍ୟ ଅନୁସାରେ

ତାହା କରୁଛନ୍ତି କି ? ଆପଣ ଈଶ୍ୱରଙ୍କ ପାଇଁ କିମ୍ବା ଈଶ୍ୱରଙ୍କ ସହିତ ସେବାକାର୍ଯ୍ୟ କରୁଛନ୍ତି କି ? ଏହି ପ୍ରଶ୍ନ ଆମେ ସମସ୍ତେ ପଚାରିବା ଆବଶ୍ୟକ । ଅନେକ ଥର ଆମେ, ଏପରିକି ମୁଁ ମଧ୍ୟ, ଭାବୁ ଯେ ଆମେ ଯାହା କିଛି ସେବାକାର୍ଯ୍ୟ କରୁ, ତାହା ଈଶ୍ୱରଙ୍କ ଇଚ୍ଛା ଅଟେ । ଏହା ସତ୍ୟ ନୁହେଁ । ଏହା ଭୁଲ ଅଟେ । ଈଶ୍ୱରଙ୍କ ଇଚ୍ଛାକୁ ନ ବୁଝି, କିଛି ନୂତନ କାର୍ଯ୍ୟ କାର୍ଯ୍ୟ ମଧ୍ୟକୁ ଯାଆନ୍ତୁ ନାହିଁ । ଈଶ୍ୱରଙ୍କୁ ଗୋଟିଏ ପ୍ରତିଜ୍ଞା ମାଗନ୍ତୁ ଓ ଏହାପରେ ଏହାକୁ ଆରମ୍ଭ କରନ୍ତୁ ।

ଦୃଷ୍ଟିଭଙ୍ଗ ହେଉଛି, ଈଶ୍ୱରଙ୍କଠାରୁ ଆମକୁ ଦୂରେଇ ନେଉଥିବା ବିଷୟ । ଦୃଷ୍ଟିଭଙ୍ଗ ବୋଲି କହିବା ସମୟରେ, ଏହା ଏପରି ଭାବରେ ଆସେ ନାହିଁ ଯେପରିକି ଆପଣ ସହଜରେ ଏହାକୁ ଚିହ୍ନି ପାରିବେ । ଶୟତାନ ସର୍ବଦା ନିର୍ଭୀକ, ନୀଚ ଓ ଚତୁର ଅଟେ । ସେ ଏପରି ଭାବରେ ଆପଣଙ୍କର ଦୃଷ୍ଟିଭଙ୍ଗ କରିବ ଯେ ଆପଣ ଏହାର ପ୍ରତିରୋଧ କରିପାରିବେ ନାହିଁ ।

ଆସନ୍ତୁ, ଆମେ ଆଦିପୁସ୍ତକ ୩:୬ ପ୍ରତି ଦୃଷ୍ଟିପାତ କରିବା । ବାଇବଲରେ ଲେଖାଅଛି ଯେ ଯେତେବେଳେ ହବା ସଦାସତ୍ ଜ୍ଞାନଦାୟକ ଫଳକୁ ଦେଖିଲେ, ସେତେବେଳେ ତାହା ନୟନର ଲୋଭଜନକ ଥିଲା । ... ବୃକ୍ଷଟି ସୁନ୍ଦର ଓ ଏହାର ଫଳ ସ୍ୱାଦିଷ୍ଟ ଥିଲା ଓ ସେ ଜ୍ଞାନ ପାଇବାକୁ ଇଚ୍ଛା କରୁଥିଲେ ।

ଏହା ଲୋଭଜନକ, ସୁନ୍ଦର, ସ୍ୱାଦିଷ୍ଟ, ଆନନ୍ଦଦାୟକ, ଥିଲା ଓ ସର୍ବୋପରି ସେ ଜ୍ଞାନୀ ହେବାକୁ ଇଚ୍ଛା କରୁଥିଲେ । ଏଗୁଡ଼ିକ ମଧ୍ୟରୁ କୌଣସିଟି ମନ୍ଦ ଅଟେ କି ? ଏଗୁଡ଼ିକ ମଧ୍ୟରୁ କୌଣସିଟି ଶୟତାନଠାରୁ ଆସିବା ପରି ଦିଶୁଛି କି ? ଏଗୁଡ଼ିକୁ ସମସ୍ତେ ପାଇବାକୁ ଇଚ୍ଛା କରିବେ ନାହିଁ କି ? ସେଗୁଡ଼ିକ ଦୃଷ୍ଟିଭଙ୍ଗ କରିବା ଭଳି ଦିଶୁଛି କି ? ସୁନ୍ଦର, ସ୍ୱାଦିଷ୍ଟ, ଆନନ୍ଦଦାୟକ, ରୁଚିକର ହେବା ଓ ଜ୍ଞାନ ଇଚ୍ଛା କରିବାରେ କ'ଣ ଭୁଲ୍ ଅଛି ?

ମାତ୍ର ଆମେ ଏହାକୁ ଏକ ଦୃଷ୍ଟି ଭଙ୍ଗର ବିଷୟ ଭାବରେ ଦେଖୁ – ଏହା ସମଗ୍ର ମାନବଜାତିକୁ ପତନ ଦିଗରେ କଢ଼ାଇ ନେଇଥିଲା । ମନେରଖନ୍ତୁ, ଦୃଷ୍ଟିଭଙ୍ଗ ସର୍ବଦା ଚକ୍ଷୁ ପ୍ରତି ଅତି ଆକର୍ଷଣୀୟ ରୂପ, ଆକାର, ରଙ୍ଗୀନ ଓ ସୁନ୍ଦର ଭାବରେ ଆସେ । ପ୍ରକୃତରେ ଏହା ଉତ୍ତମ ମନେ ହେବ । କିନ୍ତୁ, ଯଦି କୌଣସି ବିଷୟ ଈଶ୍ୱରଙ୍କ ଉପରୁ ଆପଣଙ୍କର ଦୃଷ୍ଟି ଫେରାଇ ନିଏ, ତେବେ ଆପଣ ଜାଗ୍ରତ ହେବା ଆବଶ୍ୟକ ।

ଜାଣନ୍ତୁ, ଯଦି ଆପଣ କହିବେ ଯେ ଏହା ମୋର ସବୁଠାରୁ ଶକ୍ତିଶାଳୀ ବିଷୟ ଅଟେ, ତେବେ ସତର୍କ ହୁଅନ୍ତୁ – ଠିକ୍ ସେହି ସ୍ଥାନରେ ହିଁ ଶୟତାନ ଆପଣଙ୍କୁ ଜୋର୍‌ରେ ଆଘାତ କରିବ । ପିତର କହିଥିଲେ ଯେ ସେ ପ୍ରଭୁଙ୍କ ସହିତ ମୃତ୍ୟୁବରଣ ସୁଦ୍ଧା କରିବେ । ପିତର ଏହାକୁ ତାଙ୍କର ସର୍ବାଧିକ ବଳିଷ୍ଠ ବିଷୟ ବୋଲି ଭାବିଥିଲେ । ଯୀଶୁଙ୍କ ପାଇଁ ତାଙ୍କ ପ୍ରେମ ଏତେ ଦୃଢ଼ ଥିଲା ଯେ କୌଣସି ବିଷୟ ଏଥିରୁ ତାଙ୍କୁ ଦୂରେଇ ପାରିବ ନାହିଁ ବୋଲି ସେ ଭାବିଥିଲେ । ମାତ୍ର ପ୍ରଭାତ ପୂର୍ବରୁ ସେ ଯେ ଯୀଶୁଙ୍କୁ ତିନି ଥର ଅସ୍ୱୀକାର କରିବେ, ଏହା ଯୀଶୁ ତାଙ୍କୁ କହିଥିଲେ ।

ପ୍ରିୟ ବନ୍ଧୁ, ଆପଣ ଠିକ୍ ସେହି ସ୍ଥାନ ଉପରେ ଚିନ୍ତା କରନ୍ତୁ ଯେଉଁଠାରେ ଆପଣ ବାସ୍ତବରେ ଶକ୍ତିଶାଳୀ ଅଟନ୍ତି ବୋଲି ଭାବୁଛନ୍ତି । ଆପଣଙ୍କ ଜୀବନର ପ୍ରତ୍ୟେକ କ୍ଷେତ୍ର, ଯଥା – ଆପଣଙ୍କର ସନ୍ତାନମାନେ, ଆପଣଙ୍କର ପରିବାର, ଆପଣଙ୍କର କାର୍ଯ୍ୟ, ଆପଣଙ୍କର ସେବାକାର୍ଯ୍ୟ, ଆପଣଙ୍କର ଆହ୍ୱାନ ଓ ଆପଣଙ୍କ ଅଭିଷେକ ଉପରେ ପ୍ରାର୍ଥନା କରନ୍ତୁ । ଆମେ ପ୍ରତ୍ୟେକ ପଦକ୍ଷେପରେ ଈଶ୍ୱରଙ୍କ ଶକ୍ତି ଆବଶ୍ୟକ କରୁ, ନଚେତ୍ ଆମର ଦୃଷ୍ଟିଭଙ୍ଗ ହେବ ଓ ଈଶ୍ୱର ଆମ ଜୀବନରେ ଯାହା ରଖିଛନ୍ତି, ତାହା ଆମେ ହରାଇ ଦେବା ।

ଶୟତାନ ସର୍ବଦା ଆମ ଚତୁର୍ଦ୍ଦିଗରେ ଏକ ଗର୍ଜ୍ଜନକାରୀ ସିଂହ ସଦୃଶ ଆସୁଥିବାରୁ, କେତେବେଳେ ଓ କାହାକୁ ସେ ଗ୍ରାସ କରିବ, ଏହା ଆମେ ଜାଣୁ ନାହୁଁ । ୧ ପିତର ୫:୮ ଆମକୁ ଜାଗ୍ରତ ଓ ସତର୍କ ରହିବା ପାଇଁ କହିଛି ।

ବାଇବଲର ଏକ ସରଳ ଅନୁବାଦରେ ଲେଖାଯାଇଛି ସୁସନ୍ତୁଳିତ ଓ ସୁ ଶୃଙ୍ଖଳିତ ରହନ୍ତୁ । ସବୁ ସମୟରେ ସତର୍କ ଓ ଜାଗ୍ରତ ରହନ୍ତୁ । କାରଣ ଶୟତାନ ଭୟଙ୍କର କ୍ଷୁଧିତ ହୋଇ ଗ୍ରାସ କରିବା ଚେଷ୍ଟାରେ ଏକ ଗର୍ଜ୍ଜନକାରୀ ସିଂହ ସଦୃଶ ଚାଲୁଛି, ଖୋଜୁଛି ଓ ଗର୍ଜ୍ଜନ କରୁଛି ।

ମୁଁ ଆପଣଙ୍କୁ କହିବାକୁ ଚାହେଁ, "ଜାଗ୍ରତ ହୁଅନ୍ତୁ । ଏହା ଜାଗ୍ରତ ହେବା ପାଇଁ ଆପଣମାନଙ୍କୁ ଆହ୍ୱାନ ଅଟେ । ସତର୍କ ହୁଅନ୍ତୁ । ସାବଧାନ ହୁଅନ୍ତୁ । ସଚେତନ ଓ ଜାଗ୍ରତ ହୁଅନ୍ତୁ । ସୁ ଶୃଙ୍ଖଳିତ ହୁଅନ୍ତୁ । ସବୁ କାର୍ଯ୍ୟ ବନ୍ଦ କରି ପରବର୍ତ୍ତୀ କିଛି ଦିନ କିମ୍ବା ସପ୍ତାହ ନିମନ୍ତେ କେବଳ ଈଶ୍ୱରଙ୍କ ଉପରେ ଦୃଷ୍ଟି ନିବଦ୍ଧ କରନ୍ତୁ । ବ୍ୟକ୍ତିଗତ ଭାବରେ ଆପଣଙ୍କ ସହିତ କଥା କହିବା ପାଇଁ ଓ ଆପଣ କ'ଣ କରନ୍ତୁ ବୋଲି ସେ ଇଚ୍ଛା କରନ୍ତି, ତାହା ପ୍ରକାଶ କରିବା ପାଇଁ ତାଙ୍କୁ କୁହନ୍ତୁ । ଆପଣ ଏ ବିଷୟରେ ସ୍ପଷ୍ଟ ଧାରଣା ନ ପାଇବା ପର୍ଯ୍ୟନ୍ତ ଉପବାସ ଓ ପ୍ରାର୍ଥନା କରନ୍ତୁ । କାରଣ ଶୟତାନ ଆପଣଙ୍କର ଦୃଷ୍ଟିଭଙ୍ଗ କରିବା ପାଇଁ ଅପେକ୍ଷା କରୁଅଛି । କିମ୍ବା ସେ ଆପଣଙ୍କ ଜୀବନରେ ବିଭ୍ରାନ୍ତି ରୋପଣ କରି ସାରିଛି । ... ମୋର ପ୍ରିୟ ଭାଇ ଓ ଭଉଣୀମାନେ, ଆସନ୍ତୁ, ଆମେ ବର୍ତ୍ତମାନ ହିଁ ଦୃଷ୍ଟି କେନ୍ଦ୍ରିଭୂତ କରିବା ।

ମୁଁ ଏହି ପ୍ରାର୍ଥନା କରୁଅଛି, ଆମେ ସମସ୍ତେ ବିଶେଷ ଭାବରେ, ଏହି ଶେଷ କାଳରେ ଯେପରି ଆମ ଜୀବନ ପାଇଁ ଥିବା ଈଶ୍ୱରଙ୍କ ଉଦ୍ଦେଶ୍ୟ ଓ ଯୋଜନାରୁ ବିଚ୍ୟୁତ ହେବା ନାହିଁ । ମନେରଖନ୍ତୁ, ଯଦି ଆମେ ଈଶ୍ୱରଙ୍କ ଇଚ୍ଛାକୁ ସଫଳ କରୁ ନାହୁଁ, ତେବେ ଆମେ ଶୟତାନର ଇଚ୍ଛାକୁ ପୂରଣ କରୁଅଛୁ ।

ଆମ ଜୀବନରେ, ବିଶେଷ ଭାବରେ, ଯେଉଁମାନେ ଈଶ୍ୱରଙ୍କୁ ପ୍ରେମ କରନ୍ତି ବୋଲି ଦାବୀ କରନ୍ତି, ସେମାନଙ୍କ ମଧ୍ୟରେ ଏହି ଦୃଷ୍ଟିଭଙ୍ଗ କେତେ ଶକ୍ତିପୂର୍ଣ୍ଣ, ତାହା ମୁଁ ଆପଣମାନଙ୍କୁ ଦେଖାଇବାକୁ ଇଚ୍ଛା କରୁଛି । ଈଶ୍ୱର ଇସ୍ରାଏଲକୁ ଆଶୀର୍ବାଦ କରିଛନ୍ତି ଓ କେହି ତାକୁ ଅଭିଶାପ ଦେଇପାରିବ ନାହିଁ ବୋଲି ବାଇବଲରେ ଲେଖାଅଛି । ଅନ୍ଧକାର, ଗୁଣି ବିଦ୍ୟା କିମ୍ବା ମନ୍ଦତାର କୌଣସି ଶକ୍ତି ଈଶ୍ୱରଙ୍କ ସନ୍ତାନମାନଙ୍କ ବିରୁଦ୍ଧରେ କାର୍ଯ୍ୟ କରିପାରିବ ନାହିଁ । ଈଶ୍ୱରଙ୍କ ସନ୍ତାନମାନଙ୍କ ମଧ୍ୟରେ ଆପଣ ଓ ମୁଁ ମଧ୍ୟ ଅନ୍ତର୍ଭୁକ୍ତ ଅଟୁ । ମାତ୍ର ଏପରି କିଛି ବିଷୟ ଅଛି ଯାହା ଆମ ଜୀବନରେ ବିଶୃଙ୍ଖଳା, ଦ୍ୱନ୍ଦ୍ୱ ଓ ବିନାଶ ଆଣିପାରେ ଓ କେବଳ 'ଆମେ' ହିଁ ସେହି ଶକ୍ତିକୁ ଏହା ଘଟାଇବା ପାଇଁ ଅନୁମତି ଦେଉ ।

ଆସନ୍ତୁ, ଆମେ ଈଶ୍ୱରଙ୍କ ବାକ୍ୟରୁ ଏହାକୁ ଦେଖିବା । ଯେତେବେଳେ ମୋୟାବର ରାଜା ଇସ୍ରାଏଲୀୟମାନଙ୍କୁ ଅଭିଶାପ ଦେବା ପାଇଁ ଇଚ୍ଛା କଲେ, ସେତେବେଳେ ସେ ବିଲିୟମଙ୍କୁ ଏହା କରିବା ପାଇଁ ଆମନ୍ତ୍ରଣ କଲେ । ବିଲିୟମ ଈଶ୍ୱରଙ୍କ ଲୋକମାନଙ୍କୁ

(ଅବଶିଷ୍ଟାଂଶ ୯ମ ପୃଷ୍ଠାରେ)

**ବିନାମୂଲ୍ୟରେ ମାସିକ ପତ୍ରିକା "ଆହ୍ୱାନର ପ୍ରତିଧ୍ୱନି" ପାଇବା ପାଇଁ ଏକ ଉତ୍ତମ ସୁଯୋଗ ।**

ଯଦି ଆପଣମାନେ ଆପଣମାନଙ୍କ ବନ୍ଧୁ/ଆତ୍ମିୟମାନଙ୍କର ଠିକଣା ଡାକ, ପତ୍ର, ଇ-ମେଲ, ହ୍ୱାଟସ୍-ଆପ୍ କିମ୍ବା ଫୋନ ମାଧ୍ୟମରେ ଆମ ନିକଟକୁ ପଠାଇ ପାରିବେ ତେବେ ଆମେ **"ଆହ୍ୱାନର ପ୍ରତିଧ୍ୱନି"** ମାସିକ ପତ୍ରିକା ସେମାନଙ୍କ ନିକଟକୁ ବିନାମୂଲ୍ୟରେ ପ୍ରେରଣ କରିବୁ ।

## କର ରିହାତି

**"Echo of His Call Educational Trust"** କୁ ଭାରତର ଯେ କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନ ଦେଉଥିବା ଦାନ ଆୟକର ଆଇନର ଭାଗ – **80 - G** ଅଧୀନରେ କର ମୁକ୍ତ ପାଇଁ ଯୋଗ୍ୟ ଅଟେ । ଏହି ଉଦ୍ଦେଶ୍ୟରେ କାର୍ଯ୍ୟାଳୟ ତରଫରୁ ରସିଦ୍ ଦିଆଯିବ । **Echo of His Call Educational Trust** କୁ ଦେଉଥିବା ଦାନ ପାଇଁ **Demand Draft, Cheque** କିମ୍ବା ମନିଅର୍ଡର କରନ୍ତୁ ଓ କର ମୁକ୍ତି ପାଇଁ ଆପଣଙ୍କର ଆଧାରକାର୍ଡ ଓ ପ୍ୟାନକାର୍ଡ ସହିତ ଏହାକୁ ଆମ ନିକଟକୁ ପ୍ରେରଣ କରନ୍ତୁ ।

| | | |
|---|---|---|
| **Account Name** | : | **ECHO OF HIS CALL EDUCATIONAL TRUST** |
| **Account Number** | : | **1023 2923 805** |
| **Bank Name** | : | **STATE BANK OF INDIA** |
| **Branch** | : | **TRIPLICANE, CHENNAI - 600 005** |
| **IFSC Code** | : | **SBIN 0000249** |
| **SWIFT Code** | : | **SBI NIN BB 455** |



# ଗର୍ତ୍ତରୁ ରାଜପ୍ରାସାଦ

## (PIT TO PALACE)

(ପାଳକ. ଏସ୍. ସାମ୍. ସେଲ୍‌ଭା ରାଜ୍‌ଙ୍କ ଜୀବନାନୁଭୂତି)

*"ଯେ ପାଠ କରେ, ସେ ବୁଝୁ" (ମାଥିଉ ୨୪:୧୫)*

## ଯେଉଁ ପ୍ରଭୁ ଆମର ଇଚ୍ଛା ପୂରଣ କରନ୍ତି ! THE LORD WHO GRANTS OUR DESIRES!



**"କାରଣ ଇଚ୍ଛା କରିବାକୁ ଓ ସାଧନ କରିବାକୁ ଈଶ୍ୱର ଆପଣା ମଙ୍ଗଳମୟ ସଂକଳ୍ପର ସାଫଲ୍ୟ ନିମନ୍ତେ ତୁମ୍ଭମାନଙ୍କ ଅନ୍ତରରେ କାର୍ଯ୍ୟ କରନ୍ତି" (ଫିଲିପ୍ପୀୟ ୨:୧୩) ।**

ଯେତେବେଳେ ମୁଁ ୧୮ ବର୍ଷ ବୟସ୍କ ଥିଲି, ସେତେବେଳେ ମୁଁ ମୋର ପିତାଙ୍କୁ ତାଙ୍କର ଭାଇମାନଙ୍କୁ ଓ ସେମାନଙ୍କ ପରିବାରର ସଦସ୍ୟମାନଙ୍କୁ ମଣ୍ଡଳୀରେ ନିୟମିତ ଭାବରେ ଗୀତ ଗାଇବାର ଓ ଈଶ୍ୱରଙ୍କର ଉପାସନା କରିବାର ଦେଖୁଥିଲି ଓ କୌଣସି ନା କୌଣସି ମାର୍ଗରେ ସେମାନଙ୍କୁ ସାହାଯ୍ୟ କରୁଥିଲି । ମୁଁ ହାରମୋନିୟମ ଭଳି ବାଦ୍ୟ ଯନ୍ତ୍ର ମଧ୍ୟ ବଜାଇବା ଶିକ୍ଷା କରିଥିଲି ।

ମୋ' ଦ୍ୱାରା ଆରମ୍ଭ କରାଯାଇଥିବା ଓ ମୋ' ଦ୍ୱାରା ପରିଚାଳିତ ହେଉଥିବା "ଗୁଡ୍ ନ୍ୟୁଜ୍ ପ୍ରେୟାର ବ୍ୟାଣ୍ଡ" ନାମକ ଦଳ ମାଧ୍ୟମରେ ଆମେ ଗୋଟିଏ ସଙ୍ଗୀତ ଦଳ ଓ ବାଦ୍ୟଯନ୍ତ୍ର ବଜାଇବା ପାଇଁ ବାଦ୍ୟକାରମାନଙ୍କୁ ରଖିଥିଲୁ । ଈଶ୍ୱର ଅନେକ ଗ୍ରାମରେ ଯୀଶୁ ଖ୍ରୀଷ୍ଟଙ୍କର ସୁସମ୍ବାଦ ପ୍ରସାର କରିବାରେ ମୋତେ ସାହାଯ୍ୟ କରିଥିଲେ । ଗୋଟିଏ ଦଳ ଭାବରେ ଆମେ ଈଶ୍ୱରଙ୍କ ବାର୍ତ୍ତା, ସାକ୍ଷ୍ୟ ଓ ଗୀତ ସବୁ ଅନ୍ୟମାନଙ୍କୁ ଜଣାଇ ପାରୁଥିଲୁ । ଏହି ଦଳର ମୁଖ୍ୟ ଲୋକମାନଙ୍କ ଭିତରେ ଥିଲେ – ଭାଇ. ୱେସଲୀ ଦେବଦାସନ୍ (ବର୍ତ୍ତମାନ ହେରାଲ୍‌ଡ ଅଫ୍ ହିଜ୍ କମିଙ୍ଗ), ରେଭ.ଏ.ସେଲ୍‌ଭା ରାଜ୍ (ବର୍ତ୍ତମାନ ସି.ଏସ୍.ଆଇ. ମିଶନେରୀ, ପାଳକ), ରେଭ୍ ଜନ୍ ରୋଜ କମଲମ୍ (ବର୍ତ୍ତମାନ ସି.ଏସ୍.ଆଇ ମଦୁରାଇ ବରିଷ୍ଠ ପାଳକ), ଭାଓଲିନ୍ ବାଦକ, ଭାଇ ଡେଭିଡ୍ ରେଜିମାଲ୍‌ଡ (ଶିକ୍ଷକ), ରେଭ, ପଉଲୁସ୍ (ସି.ଏସ୍.ଆଇ, ପାଳକ), ଶ୍ରୀଯୁକ୍ତ ଜୟଚନ୍ଦ୍ରନ (ଏ.ଓ.ଜି. ପାଳକ) ଓ ଶ୍ରୀଯୁକ୍ତ ଜେୟାନନ୍ଦ ପଲ୍‌ମନୀ (ଶିକ୍ଷକ) ।

ମୁଁ ମୋର ବଡ଼ ଓ ଓଜନିଆ ହାରମୋନିୟମକୁ ମୋର କାନ୍ଧ ଉପରେ ବୋହି ଗ୍ରାମଗୁଡ଼ିକୁ, ବଜାର ସ୍ଥାନକୁ ଓ ରାସ୍ତା ପାର୍ଶ୍ୱକୁ ଯାଉଥିଲି । ମୁଁ ଏହିପରି ସ୍ଥାନ ଗୁଡ଼ିକରେ ଗୀତ ଗାଉଥିଲି, ମୋର ସାକ୍ଷ୍ୟ ଜଣାଉଥିଲି ଓ ଈଶ୍ୱରଙ୍କ ବାକ୍ୟ ମଧ୍ୟ କହୁଥିଲି । ମୁଁ ହଜାର ହଜାର ସୁସମାଚାର ପତ୍ରିକା ବାଣ୍ଟୁଥିଲି । ମୁଁ ଏହି ସମସ୍ତ କାର୍ଯ୍ୟ ସଂପୂର୍ଣ୍ଣ ହୃଦୟର ସହିତ ଖୁସିରେ କରୁଥିଲି । ଏପରିକି, ମୁଁ ମୋର ହାରମୋନିୟମକୁ ବୋହି ବୋହି ଅନେକ ମାଇଲ ଚାଲୁଥିଲି ଓ ଲୋକମାନଙ୍କର ଧର୍ମକୁ ବିଚାର ନ କରି ସେମାନଙ୍କୁ ଆମ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ସୁସମାଚାର ଜଣାଉଥିଲି ।

ଯେତେବେଳେ ଆଜି ମୁଁ ସେହି ସ୍ଥାନଗୁଡ଼ିକୁ ଯାଉଛି, ଯେଉଁଠାରେ ମୁଁ ଯୁବକ ଥିବା ସମୟରେ ମୋର ହାରମୋନିୟମ ବଜାଇ ଖ୍ରୀଷ୍ଟିଆନ ଗୀତ ଗାଉଥିଲି, ସେତେବେଳେ ମୁଁ ଆଶ୍ଚର୍ଯ୍ୟ ହୁଏ । ଯେଉଁଠାରେ ମୁଁ ପ୍ରଚାର କରିଥିଲି ଓ ସୁସମାଚାର ପତ୍ରିକା ବାଣ୍ଟିଥିଲି, ସେଠାରେ ମୁଁ ବର୍ତ୍ତମାନ ଅନେକ ମଣ୍ଡଳୀ ଓ ଖ୍ରୀଷ୍ଟିଆନ ଲୋକମାନଙ୍କର ବୃଦ୍ଧି ଦେଖିପାରୁଛି । ମୁଁ ସେହି ଦିନଗୁଡ଼ିକୁ ସ୍ମରଣ କରେ ଯେତେବେଳେ ଲୋକମାନେ ମୋତେ ବିଦ୍ରୁପ କରୁଥିଲେ କାରଣ ସେତେବେଳେ ମୋର କୌଣସି ଯୋଗ୍ୟତା କିମ୍ବା ସମାଜରେ ସ୍ଥିତି ନ ଥିଲା ।

ଦିନ ସବୁ ଅତିକ୍ରାନ୍ତ ହୋଇଯାଇଛି । ଈଶ୍ୱର ମୋତେ ଗୋଟିଏ ପରେ ଗୋଟିଏ ପାଦ ଅଗ୍ରସର କରାଇଛନ୍ତି । ସେ ମୋତେ ସ୍ୱର୍ଗୀୟ ଜ୍ଞାନ, ଲୋକମାନଙ୍କର ସହାୟତା ଓ ଅର୍ଥନୈତିକ ସ୍ୱଚ୍ଛଳତା ପ୍ରଦାନ କରିଛନ୍ତି । ଈଶ୍ୱର ମୋତେ ସେହି ସମୟରେ ମଧ୍ୟ ଗୋଟିଏ ଏକର୍ଡିଆନ ଦେଇଥିଲେ ଯାହା ଅତି ଦାମୀଥିଲା । ଏହି ବାଦ୍ୟଯନ୍ତ୍ର କ୍ରୟ କରିବା ପାଇଁ ମୋ' ନିକଟରେ ଅର୍ଥ ନ ଥିବାରୁ, ଶ୍ରୀଯୁକ୍ତ ଏମ୍. ପଦ୍ମନାଭନ୍ ନିଜ ସ୍ତ୍ରୀଙ୍କର ବିବାହ ହାର (ଥାଳି)କୁ ବନ୍ଧକ ରଖିବ ସେହି ବାଦ୍ୟଯନ୍ତ୍ର କ୍ରୟ କରିବା ପାଇଁ ମୋତେ ଅର୍ଥ ପ୍ରଦାନ କରିଥିଲେ । ମୋର ନିଜର ଛୋଟ ଭାଇ, ଶ୍ରୀଯୁକ୍ତ ଏସ୍ ବିଜିଲି ସାମ୍ରାଜ ମଧ୍ୟ ଏହି ବିଷୟରେ ମୋତେ ସାହାଯ୍ୟ କରିଥିଲେ ।

ଏହିପରି ଭାବରେ, ମୋର ପ୍ରଭୁ ଟି.ଭି. ମାଧ୍ୟମରେ ପ୍ରଭୁଙ୍କ ବାକ୍ୟ କହିବା ପାଇଁ ଓ ଏହାପରେ ବର୍ତ୍ତମାନ ୟୁ–ଟ୍ୟୁବ୍ ଚ୍ୟାନେଲ ମାଧ୍ୟମରେ କହିବା ପାଇଁ ମୋତେ ସାମର୍ଥ୍ୟ ଦେଇଥିଲେ । ମୋର ବାର୍ତ୍ତା ତାମିଲ, ଇଂରାଜୀ, ହିନ୍ଦୀ ଓ ତେଲୁଗୁରେ ପ୍ରଦତ୍ତ ହେଉଅଛି । ଈଶ୍ୱର ମୋତେ ସାହାଯ୍ୟ କରିବା ପାଇଁ ଅନେକ ଗାୟକ ଓ ବାଦ୍ୟଯନ୍ତ୍ର ପ୍ରଦାନ କରିଛନ୍ତି । ଈଶ୍ୱର ମୋତେ ଗ୍ରହଣ କରିବା ପାଇଁ ଓ ଟେକି ଧରିବା ପାଇଁ ମୁଖ୍ୟ ଉପାସନାଳୟ ଯୋଗାଇଛନ୍ତି । ପ୍ରଭୁ ଯୀଶୁ ଖ୍ରୀଷ୍ଟ ମୋତେ ଅନେକ ଶାଖା ମଣ୍ଡଳୀ ଓ ମୋ' ସେବାକାର୍ଯ୍ୟରେ ଅନେକ ସହଯୋଗୀଙ୍କୁ ପ୍ରଦାନ କରିଛନ୍ତି ।

ପ୍ରିୟ ପାଠକଗଣ, ଆପଣ ମଧ୍ୟ ଈଶ୍ୱରଙ୍କ ନିମନ୍ତେ କିଛି କରିବାକୁ ଇଚ୍ଛା କରୁଛନ୍ତି ବୋଲି ମୁଁ ସୁନିଶ୍ଚିତ ଅଟେ । ତାହା ଅତି ଶୀଘ୍ର ଆରମ୍ଭ କରନ୍ତୁ । ଆପଣମାନଙ୍କ ନିକଟରେ ଜନ ସମର୍ଥନ କିମ୍ବା ଅର୍ଥ ସହାୟତା ନ ଥାଇ ପାରେ । ଯଦି ଆପଣମାନଙ୍କର ମନ ଅଛି, ତେବେ ଆପଣ ଉପାୟ ଖୋଜି ପାଇବେ । ଏଥିରେ ବିଳମ୍ବ କରନ୍ତୁ ନାହିଁ । ଆଜି ହିଁ ଆରମ୍ଭ କରନ୍ତୁ ! ବର୍ତ୍ତମାନ ହିଁ ଏହା କରନ୍ତୁ !

"କାରଣ ଇଚ୍ଛା କରିବାକୁ ଓ ସାଧନ କରିବାକୁ ଈଶ୍ୱର ଆପଣାର ମଙ୍ଗଳମୟ ସଂକଳ୍ପର ସାଫଲ୍ୟ ନିମନ୍ତେ ତୁମ୍ଭମାନଙ୍କ ଅନ୍ତରରେ କାର୍ଯ୍ୟ କରନ୍ତି" (ଫିଲିପ୍ପୀୟ ୨:୧୩) ।

***

(୬ଷ୍ଠ ପୃଷ୍ଠାର ଅବଶିଷ୍ଟାଂଶ)

ଅଭିଶାପ ଦେବା ପାଇଁ ସଂଘର୍ଷ କରି କରି ଶେଷରେ ସେମାନଙ୍କୁ ଆଶୀର୍ବାଦ କରିଥିଲେ । ସେଥିପାଇଁ ମୋୟାବର ରାଜା ବାଲାକ୍ ଅତି ଅସନ୍ତୁଷ୍ଟ, କ୍ରୋଧାନ୍ୱିତ ଓ ବିଚଳିତ ହୋଇଥିଲେ । ଶେଷରେ, ବିଲିୟମ ଗୋଟିଏ ପରାମର୍ଶ ଦେଇ କହିଥିଲେ ଯେ ଏମାନେ ସମସ୍ତେ ଈଶ୍ୱରଙ୍କ ଲୋକ ଅଟନ୍ତି । ସେମାନଙ୍କୁ ଆଶୀର୍ବାଦ କରିବା ତାଙ୍କର ଇଚ୍ଛା ଅଟେ । ସେଥିପାଇଁ ସେମାନଙ୍କୁ ଅଭିଶାପ ଦେବାର କିମ୍ବା ବିନାଶ କରିବାର କୌଣସି ମାର୍ଗ ନାହିଁ । ମାତ୍ର ଗୋଟିଏ ଉପାୟରେ ସେମାନଙ୍କୁ ପତିତ କରାଯାଇ ପାରିବ । ତାହା ହେଉଛି, ସେମାନଙ୍କର ଦୃଷ୍ଟିଭଙ୍ଗ କରିବା – ତାହା ଈଶ୍ୱରଙ୍କ କ୍ରୋଧକୁ ପ୍ରଜ୍ୱଳିତ କରିବ ଓ ଏହାପରେ ସେ ନିଜେ ସେମାନଙ୍କୁ ବିନଷ୍ଟ କରିବେ । **"ଦେଖ, ଏମାନେ ବିଲିୟମର ପରାମର୍ଶରେ ପିୟୋର ଦେବତା ବିଷୟରେ ଇସ୍ରାଏଲ ସନ୍ତାନଗଣଙ୍କୁ ସଦାପ୍ରଭୁଙ୍କ ବିରୁଦ୍ଧରେ ସତ୍ୟ ଲଙ୍ଘନ କରାଇଲେ, ତହିଁ ନିମନ୍ତେ ସଦାପ୍ରଭୁଙ୍କ ମଣ୍ଡଳୀ ମଧ୍ୟରେ ମହାମାରୀ ହେଲା"** (ଗଣନା ୩୧:୧୬) ।

ବିଲିୟମଙ୍କର ପରାମର୍ଶ ଥିଲା, ଇସ୍ରାଏଲୀୟମାନଙ୍କ ନିକଟକୁ ମୋୟାବୀୟା ସ୍ତ୍ରୀମାନଙ୍କୁ ପ୍ରେରଣ କରିବା । ଏହାପରେ ସେମାନେ ଇସ୍ରାଏଲୀୟ ପୁରୁଷମାନଙ୍କୁ ଯୌନକ୍ରିୟା ପାଇଁ ପ୍ରଲୋଭିତ କଲେ । ମାତ୍ର ସେମାନେ ଏହି ସର୍ତ୍ତ ରଖିଥିଲେ ଯେ ସେମାନଙ୍କୁ ସେମାନଙ୍କ ସହିତ ସେମାନଙ୍କର ଦେବତାମାନଙ୍କୁ ପୂଜା କରିବାକୁ ହେବ । ସେହି ଦେବତାମାନଙ୍କ ମଧ୍ୟରୁ ମୁଖ୍ୟ ଦେବତା ଥିଲା – ବାଲ୍ ପିୟୋର କିମ୍ବା "ଉନ୍ମୁକ୍ତ କରିବାର ଦେବତା ।" ଇସ୍ରାଏଲୀୟ ପୁରୁଷମାନେ ଯଦି ସେମାନଙ୍କର ଦେବତାଙ୍କୁ ପୂଜା କରିବା ପ୍ରତି ଉନ୍ମୁକ୍ତ ହେବେ, ତେବେ ସେମାନେ (ସେହି ସ୍ତ୍ରୀମାନେ) ମଧ୍ୟ ସେମାନଙ୍କ ପ୍ରତି ଉନ୍ମୁକ୍ତ ହେବେ ।

ନିଃସନ୍ଦେହରେ, ବିଲିୟମ ଇସ୍ରାଏଲୀୟ ପୁରୁଷ ମାନଙ୍କର ଦୁର୍ବଳତା ଜାଣିଥିଲେ, କେବଳ ସେତିକି ନୁହେଁ, ଈଶ୍ୱର କିପରି ତାଙ୍କ ବ୍ୟତୀତ ଅନ୍ୟ କୌଣସି ଦେବତାକୁ ପୂଜା କଲେ କ୍ରୋଧାନ୍ୱିତ ହୁଅନ୍ତି, ତାହା ମଧ୍ୟ ସେ ଜାଣିଥିଲେ । ସେ ଜଣେ ଈର୍ଷାଳୁ, ଗ୍ରାସକାରୀ ଅଗ୍ନିର, ଈଶ୍ୱର ଅଟନ୍ତି ।

କୌଣସି ବ୍ୟକ୍ତି ଅନ୍ୟ କୌଣସି ଦେବତାକୁ ପୂଜା କଲେ କିମ୍ବା ତାଙ୍କ ସ୍ଥାନରେ ଅନ୍ୟ କୌଣସି ବିଷୟକୁ ରଖିଲେ, ସେ ଆଦୌ ତାହା ସହ୍ୟ କରିବେ ନାହିଁ । ସେଥିପାଇଁ, ବିଲିୟମଙ୍କର ପରାମର୍ଶ ଥିଲା, ଲୋକମାନଙ୍କର ଦୃଷ୍ଟିଭଙ୍ଗ କରିବା, ତାହା ସେମାନଙ୍କୁ କେବଳ ଯେ ଈଶ୍ୱରଙ୍କ ଇଚ୍ଛାରୁ ଦୂରେଇ ନେବ, ତା' ନୁହେଁ, ମାତ୍ର ତାହା ସେମାନଙ୍କ ଜୀବନ ଉପରେ ଈଶ୍ୱରଙ୍କ କ୍ରୋଧ ମଧ୍ୟ ଉଦ୍ରେକ କରିବ ।

*ପ୍ରିୟ ବନ୍ଧୁମାନେ, ଆପଣମାନେ କେଉଁ ପରିସ୍ଥିତି ମଧ୍ୟ ଦେଇ ଗତି କରୁଛନ୍ତି କିମ୍ବା ଆପଣଙ୍କ ଜୀବନର ଯାତ୍ରାରେ ଆପଣ କେଉଁଠାରେ ଅଛନ୍ତି, ତାହା ମୁଁ ଜାଣି ନାହିଁ । ମାତ୍ର ଆପଣଙ୍କ ଜୀବନରେ ଦୃଷ୍ଟିଭଙ୍ଗ ହେବା ବିଷୟରେ ସତର୍କ ରହନ୍ତୁ । ଏହା ସର୍ବଦା ଆପଣଙ୍କ ଚକ୍ଷୁକୁ ତୁଷ୍ଟିକର ଓ ସୁନ୍ଦର ଦେଖାଯିବ, ଏହା ଆପଣଙ୍କ ହୃଦୟକୁ ଆନନ୍ଦ ଦେବ । ମାତ୍ର ଈଶ୍ୱର ଆପଣଙ୍କ ଜୀବନ ପାଇଁ ଯାହା ଉଦ୍ଦେଶ୍ୟ ରଖିଛନ୍ତି, ସେଥିରୁ ଯଦି ଏହା ଆପଣଙ୍କ ଦୃଷ୍ଟି ଫେରାଇ ନେଉଛି, ତେବେ ସେଥିରୁ ବାହାରି ଯାଆନ୍ତୁ । ଈଶ୍ୱରଙ୍କୁ ଶକ୍ତି ମାଗନ୍ତୁ ।*

*ବିଶେଷ ଭାବରେ, ହେ ଯୁବାମାନେ, ବିବାହ ବିଷୟରେ ସତର୍କ ରହନ୍ତୁ । ବିବାହ ଆତ୍ମା-ଜୟ ନୁହେଁ । ଅସମାନ ଯୁଆଳିରେ ଯୋଚା ଯାଆନ୍ତୁ ନାହିଁ । ଆପଣଙ୍କର ବିଶ୍ୱାସ ଓ ଆପଣଙ୍କ ଦର୍ଶନ ଆପଣଙ୍କର ଜୀବନ ସାଥୀଙ୍କ ସହିତ ମେଳ ଖାଇବା ଆବଶ୍ୟକ । ନଚେତ୍, ଏହା ଏକ ଜୀବନ-ବ୍ୟାପୀ ସଂଘର୍ଷ ହେବ ।*

*ମୁଁ କେବଳ ଏତିକି ପ୍ରାର୍ଥନା କରେ ଯେପରିକି ଈଶ୍ୱର ଆମ ପ୍ରତ୍ୟେକଙ୍କୁ ଏହା ପଢ଼ିବାରେ, ଆମର ଦୃଷ୍ଟିଭଙ୍ଗୀକୁ ଚିହ୍ନିବାରେ ଓ ଏହାକୁ ପରିତ୍ୟାଗ କରିବାରେ ସାହାଯ୍ୟ କରିବେ । ଏହା ଫଳରେ ଆମେ ଆମ ଜୀବନର ନୂତନ ସମୟକୁ ଗ୍ରହଣ କରିପାରିବା ।*

*ନିରାଶ ନ ହୋଇ ଅଗ୍ରସର ହୁଅନ୍ତୁ । ଆପଣଙ୍କର ମାଗିବା କିମ୍ବା କଳ୍ପନା କରିବା ଅପେକ୍ଷା ଈଶ୍ୱର ଅଧିକ କରିପାରନ୍ତି । ଆପଣଙ୍କର ନୂତନ ସମୟକୁ ଗ୍ରହଣ କରନ୍ତୁ । ଈଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରନ୍ତୁ !!*

************

## ଦୟାକରି ଆମ ପାଇଁ ପ୍ରାର୍ଥନା କରନ୍ତୁ

ଶ୍ରୀଲଙ୍କାରେ ପ୍ରତି ମାସ ସିଂହଳ ଭାଷାରେ ପ୍ରକାଶିତ **"ଆହ୍ୱାନର ପ୍ରତିଧ୍ୱନି"** ପତ୍ରିକା ପ୍ରେରଣ କରିବା ନିମନ୍ତେ ଡାକ ଖର୍ଚ୍ଚ ଅଧିକ ହୋଇଥିବାରୁ (ପ୍ରତ୍ୟେକ ପତ୍ରିକା ପାଇଁ ୩୧ ଟଙ୍କା), ଏହି ପତ୍ରିକାଗୁଡ଼ିକୁ ଶ୍ରୀଲଙ୍କାକୁ ନେଇ ସେଠାରୁ ସ୍ଥାନୀୟ ଭାବେ ପ୍ରେରଣ କରିବା ନିମନ୍ତେ ଈଶ୍ୱର ଯେପରି ଗୋଟିଏ ମାର୍ଗ ଉନ୍ମୁକ୍ତ କରିବେ, ଏଥିପାଇଁ ଆମେ ପ୍ରାର୍ଥନା କରୁଅଛୁ । ଦୟାକରି ଏହି ବିଷୟ ନିମନ୍ତେ ପ୍ରାର୍ଥନା କରନ୍ତୁ ।

– ସଂପାଦକ

## ଥିଓଲୋଜିକାଲ୍ କରେସ ପଣ୍ଡେସ୍ ପାଠ୍ୟକ୍ରମ

ଥିଓଲୋଜିକାଲ କରେସ୍ ପଣ୍ଡେସ୍ ପାଠ୍ୟକ୍ରମ ନାମକ ଦୂରବର୍ତ୍ତୀ ପ୍ରାର୍ଥୀମାନଙ୍କ ପାଇଁ ଉନ୍ନତ ଧରଣର ଶିକ୍ଷା ବର୍ତ୍ତମାନ ଇଂରାଜୀରେ – ୫୩୨ ପୃଷ୍ଠା ଓ ତାମିଲ୍‌ରେ ୬୫୨ ପୃଷ୍ଠା ପାଳକ, ପ୍ରଚାରକ, ଖ୍ରୀଷ୍ଟିଆନ ନେତା ଓ ଈଶ୍ୱରଙ୍କ ସେବାକାର୍ଯ୍ୟ ପାଇଁ ଇଚ୍ଛୁକ ସାଧାରଣ ଲୋକଙ୍କ ନିମନ୍ତେ ଉପଲବ୍ଧ ଅଟେ । ୧୦୦୦ ଟଙ୍କାର ଦେୟ ରହିଛି ।

୧୪୯ ଅଧ୍ୟାୟ ବିଶିଷ୍ଟ ୭ଟି ପୁସ୍ତକ ଯୋଗାଇ ଦିଆଯିବ । ସେବାକାର୍ଯ୍ୟରେ ସାର୍ଟିଫିକେଟ ପ୍ରଦାନ କରାଯିବ । ଈଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରିବେ ।

**ଅଧିକ ଜାଣିବା ପାଇଁ ଆମକୁ ଲେଖନ୍ତୁ**

**The Chairman, Nehemiah Bible College,**
Echo of His Call, **Post Box 2957**
CHEPAUK, CHENNAI - 600 005.
**Ph.: (044) 2852 8282, 2852 9293, 2854 7766,**
**Cell : 98410 71852, 95661 31858**
**E.mail : biblecor@yahoo.co.in**

ପ୍ରିୟ ପାଠକଗଣ,

ଦୟାକରି ନିମ୍ନଲିଖିତ ବିଷୟଗୁଡ଼ିକୁ ପଢ଼ି, ସେଠାରେ ଟିକ୍ (✓) ମାର୍କ ଦେଇ ଆମ ନିକଟକୁ ପ୍ରେରଣ କରନ୍ତୁ । ଆପଣମାନେ **"ଆହ୍ୱାନର ପ୍ରତିଧ୍ୱନି"**ରୁ ଗୋଟିଏ ଉପହାର ପାଇବେ ।

୧. ଆପଣ ଆଜି "ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟ" ପାଇଁ ପ୍ରାର୍ଥନା କରିଥିଲେ କି ? ହଁ ☐ ନାହିଁ ☐

୨. ଆପଣ ନିୟମିତ ଭାବରେ "ଆହ୍ୱାନର ପ୍ରତିଧ୍ୱନି" ପତ୍ରିକା ପାଇବା ପସନ୍ଦ କରନ୍ତି କି ? ହଁ ☐ ନାହିଁ ☐

୩. ଆପଣ "ଆହ୍ୱାନର ପ୍ରତିଧ୍ୱନି" ପତ୍ରିକା ପାଇଁ କେତେ ଜଣ ପାଠକଙ୍କୁ ଯୋଗାଇବେ କି ? ହଁ ☐ ନାହିଁ ☐

୪. ଆପଣଙ୍କୁ କେଉଁ ସ୍ତମ୍ଭ (ବିଷୟ) ଭଲ ଲାଗେ ?
ମୁଖ୍ୟ ପ୍ରବନ୍ଧ (ବାର୍ତ୍ତା) ☐ କିମ୍ବା ସଂପାଦକୀୟ ☐ କିମ୍ବା ଗର୍ତ୍ତରୁ ରାଜପ୍ରାସାଦ ☐

୫. ଆପଣ ଆମର ହ୍ୱାଟସ୍ ଆପ୍ ନମ୍ବର ସଂରକ୍ଷିତ ରଖିଛନ୍ତି କି ? ହଁ ☐ ନାହିଁ ☐

୬. ଆପଣ "ଆହ୍ୱାନର ପ୍ରତିଧ୍ୱନି ୟୁ-ଟ୍ୟୁବ୍ ଚ୍ୟାନେଲ୍‌ର ସଭ୍ୟ ଅଟନ୍ତି କି ? ହଁ ☐ ନାହିଁ ☐

୭. ଆପଣ ଆମର ୟୁ-ଟ୍ୟୁବ ଚ୍ୟାନେଲରେ ସଂକ୍ଷିପ୍ତ ବାର୍ତ୍ତା ଦେଖନ୍ତି କି ? ହଁ ☐ ନାହିଁ ☐

୮. ଆପଣ ଆମର ୟୁ-ଟ୍ୟୁବ ଚ୍ୟାନେଲରେ ପ୍ରସାରିତ ଇଂରାଜୀ, ହିନ୍ଦୀ, ତାମିଲ ଓ ତେଲୁଗ ଭାଷାର ୫ ମିନିଟର ବାର୍ତ୍ତା ଦେଖନ୍ତି କି ? ହଁ ☐ ନାହିଁ ☐

ଦୟାକରି ଏହି ଭାଗଟିକୁ ସଠିକ୍ ଭାବରେ ପୂରଣ କରି ଆମ ନିକଟକୁ ପ୍ରେରଣ କରନ୍ତୁ । ଆପଣ ଆମଠାରୁ ଗୋଟିଏ ଉପହାର ପାଇବେ ।

RNI NO. 70105/98, Postal Regn. No. TN/CH (C)/198/21-23 WPP NO. TN/PMG(CCR)/WPP-265/21-23

## ଆହ୍ୱାନର ପ୍ରତିଧ୍ୱନି

**YouTube**

Please subscribe

ଦୟାକରି ଆପଣଙ୍କ ସମୟ ଅନୁସାରେ ''ଆହ୍ୱାନର ପ୍ରତିଧ୍ୱନି ୟୁ-ଟ୍ୟୁବ୍ ଚ୍ୟାନେଲ୍ ଦେଖନ୍ତୁ ଓ ଏହାର ସଭ୍ୟ ହୁଅନ୍ତୁ ।

-ସଂପାଦକ -

## OUR BANK DETAILS:

### *1. Bank : State Bank of India*

| | | |
|---|---|---|
| Branch | : | **Triplicane, Chennai-5** |
| Name | : | **S. Sam Selva Raj** |
| A/C No. | : | **1023 2934 679** |
| IFSC | : | **SBIN 00 00 249** |

SWIFT CODE : **SBI NIN BB 455**

### *2. Bank : ICICI Bank*

| | | |
|---|---|---|
| Branch | : | **Anna Salai, Chennai-6** |
| Name | : | **Echo of His Call** |
| A/C No. | : | **6038 0502 2319** |
| IFSC | : | **ICIC 000 6038** |

### *3. Bank : State Bank of India*

**(This Account is for Tax Exemption for Indians only )**

| | | |
|---|---|---|
| Branch | : | **Triplicane, Chennai-5** |
| Name | : | **Echo of His Call Educational Trust** |
| A/C No. | : | **1023 2923 805** |
| IFSC | : | **SBIN 00 00 249** |

**Google Pay: 98410 71858**
**PayPal : SAM SELVA RAJ**

*****

**E.mail : sam@echoofhiscall.org**

# ଆହ୍ୱାନର ପ୍ରତିଧ୍ୱନି

୧୬ଟି ଭାଷାରେ ମାସିକ ପତ୍ରିକା, ବାଇବଲ କଲେଜ, ଡାକ ମାଧମରେ ପାଠ୍ୟକ୍ରମ, ମଣ୍ଡଳୀ ପ୍ରତିଷ୍ଠା, ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ, ସୁସମାଚାର ଛାପାକଳ, ସୁସମାଚାର ପ୍ରଚାର ଅଭିଯାନ, ଶିକ୍ଷାଧିବେଶନ, ସାମାଜିକ ସେବା, ଇତ୍ୟାଦି ।

ବାର୍ଷିକ ଦେୟ – ଟ. ୧୦୦/– ଆଜୀବନ ସଭ୍ୟଚାନ୍ଦା – ଟଙ୍କା ୨୦୦୦

ଆହ୍ୱାନର ପ୍ରତିଧ୍ୱନି ବହୁମୁଖୀ ସେବାକାର୍ଯ୍ୟ ଆପଣଙ୍କ ଭଳି ଈଶ୍ୱରଙ୍କ ସନ୍ତାନମାନଙ୍କର ସ୍ୱେଚ୍ଛାଦାନ ଓ ଚାନ୍ଦା ଦ୍ୱାରା ସାହାଯ୍ୟପ୍ରାପ୍ତ ଅଟେ । ପ୍ରଭୁଙ୍କ ଚାଳନା ଅନୁସାରେ ଆପଣ 'ଆହ୍ୱାନର ପ୍ରତିଧ୍ୱନି' ଓ ଏହା କାର୍ଯ୍ୟ କଳାପକୁ ସହାୟତା ଦେଇପାରିବେ । ଆମେ ସୁସମାଚାର ପାଇ ନ ଥିବା ଲୋକମାନଙ୍କ ନିକଟରେ ଏହାକୁ ପହଞ୍ଚାଇବା ପାଇଁ ଓ ମଣ୍ଡଳୀ ପ୍ରତିଷ୍ଠା କରିବା ପାଇଁ ଆପଣମାନଙ୍କର ସାହାଯ୍ୟ ଆବଶ୍ୟକ କରୁଅଛୁ ।

ଯଦି ଆପଣମାନେ ନିୟମିତ ଭାବରେ ''ଆହ୍ୱାନର ପ୍ରତିଧ୍ୱନି'' ପାଇବାକୁ ଚାହୁଁଛନ୍ତି, ତେବେ ଦୟାକରି ଆମକୁ ଲେଖନ୍ତୁ । ଆପଣମାନେ ଆପଣମାନଙ୍କର ଠିକଣା କିମ୍ବା ଇ-ମେଲ୍ ପରିବର୍ତ୍ତନ କଲେ, ଦୟାକରି ଆମକୁ ଉଭୟ ପୁରୁଣା ଓ ନୂଆ ଠିକଣା ପଠାଇବେ ।

ଆମର ୱେବସାଇଟରେ ମଧ ''ଆହ୍ୱାନର ପ୍ରତିଧ୍ୱନି'' ୧୬ଟି ଭାଷାରେ ଉପଲବ୍ଧ ଅଟେ । ଆପଣମାନେ ସେହି ସାଇଟ୍‌ରେ ଏହାକୁ ପଢ଼ିପାରିବେ କିମ୍ବା ଏହାକୁ ଡାଉନ୍‌ଲୋଡ୍ କରି ଆଶୀର୍ବାଦ ପାଇପାରିବେ ।

ଆପଣମାନଙ୍କର ପତ୍ର, ପ୍ରାର୍ଥନା ଅନୁରୋଧ ଓ ଆପଣଙ୍କ ଅର୍ଥ ସାହାଯ୍ୟ (Money order, Cheque or Demand Drafts, NEFT, Paypal (Sam Selva Raj, sam@echoofhiscall.org), PhonePe (9841071858), Gpay (9841071858), Western Union, Money Gram ଇତ୍ୟାଦି ନିମ୍ନଲିଖିତ ଠିକଣାରେ ''ଆହ୍ୱାନର ପ୍ରତିଧ୍ୱନି'' କାର୍ଯ୍ୟାଳୟକୁ ପେରଣ କରନ୍ତୁ ।

ଦୟାକରି ଆପଣଙ୍କର ନୂତନ ଲ୍ୟାଣ୍ଡ ଫୋନ/ମୋବାଇଲ୍ ଫୋନ୍ ନମ୍ବର ଓ ଇ-ମେଲ ଠିକଣା ଜଣାନ୍ତୁ ।

**ଆମର ଠିକଣା :**

**ECHO OF HIS CALL**

10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA
PH: (+91-44) 2852 8282, 2852 9293, 2854 7766/ Cell: (+91) 98410 71852, 95661 31858 / E.mails: sam@echoofhiscall.org / biblecor@yahoo.co.in
Websites: www.echoofhiscall.org / www.stpaulsmatriculation.com

**YOU CAN SEND YOUR DONATION ONLINE ALSO**

Regd. with the RNI No. 70105/98
Licenced to post without pre-payment
Postal Regn. No. TN/CH (C) /198/21-23
Licence No. WPP. No. TN/PMG(CCR)/WPP-265/21-23
Date of Publication: Third week of every month
Date of Posting : 17th & 18th of every month
Posted at "Egmore RMS / 1 Patrika Channel"
on 19th JUNE 2023.
If un-delivered please return to:
**ECHO OF HIS CALL (ODIA)**
P.O. Box No. 2957, Chepauk, Chennai - 600 005, INDIA.
Phone: (+ 91- 44) 2852 8282, 2852 9293, 2854 7766

*JESUS LOVES YOU!*

**To**

*GOD BLESS YOU!*

Owned and published by **S. Sam Selva Raj** from New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005 and printed by **S. Sam Selva Raj** at **Echo of His Call Printers,** New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005. Editor: **S. Sam Selva Raj.**